ନାଁ ଦେବା ଟା କେଡେ କଷ୍ଟ !

Digitized by srujanika@gmail.com

“୩୬୫ ଦିନ ପୁସ୍ତକମାଳା”

ମାଁ ଦେବାଟା କେଡ଼େ କଷ୍ଟ



ବିନୋଦ କାନୁନ୍‌ଗୋ

Digitized by srujanika@gmail.com

ନାଁ ଦେବାଟା
କେଡ଼େ କଷ୍ଟ !

(ବ୍ୟାକରଣ ଗଳ୍ପ)

ଲେଖକ :

ବିନୋଦ କାନୁନ୍‌ଗୋ

ପ୍ରକାଶକ :

ଜ୍ଞାନମଣ୍ଡଳ ପ୍ରକାଶନୀ

ବାରବାଟୀ ଷ୍ଟାଡିୟମ୍, କଟକ-୭୫୩ ୦୦୫

ଦ୍ୱିତୀୟ ମୁଦ୍ରଣ : ୧୦।୩।୮୦

ମୁଦ୍ରଣ :

ସନାତନ ପ୍ରେସ

ମହମ୍ମଦିଆ ବଜାର, କଟକ-୭୫୩ ୦୦୨

NANDEBATA

KEDE KASTA !

(A Story on Grammar)

Writer :

Binode Kanungo

Publisher :

Jnanmandal Prakashani

Barabati Stadium, Cuttack-753 005

Second Print 10-3-80

Printer :

Sanatan Press

Mahamadia Bazar, Cuttack-2

[redacted]

Digitized by srujanika@gmail.com

ମହାନଦୀ କୋଳ ଖାଲି ପଡ଼ିଛି

ସେଦିନ ଗୋଟାଏ ନୂଆ କଥା ହେଲାଭଳି ଜଣାପଡ଼ୁଛି । ମଲ୍ଲପୁରଟି ଗୋଟିଏ ଛୋଟ ଗାଁ ହେଲେ କ'ଣ ହେଲା—ସେଠାରେ ଯେମିତି ସୁବିଧା ଆଉ କେଉଁଠି ସେମିତି ନାହିଁ । ତାହାର ଦକ୍ଷିଣପଟେ ଚାଲିଯାଇଛି ଛୋଟିଆ କେନାଲଟିଏ । କେନାଲର ଦକ୍ଷିଣକୁ ଚାଷଜମି—ପାଣି ସେଇଆଡ଼େ ମାଡ଼େ । ଗାଁ ଭିତରଟି ଶୁଖିଲା ଥାଏ । ଠିକ୍ ଉତ୍ତର ପଟେ ମହାନଦୀ । ବର୍ଷକେ ଦଶମାସ ନଦୀ ମଝିରେ ପାଣିଧାର ଥାଏ—ଗାଁକୁ ଲାଗି ନଈବାଲି । ସନ୍ଧ୍ୟା ପୂର୍ବରୁ ଗାଁଟା-ଯାକର ପିଲା ଚାଲିଆସନ୍ତି ସେଠି ବାଲିରେ ଖେଳିବେ, ଦଉଡ଼ିବେ, ବୁଲିବେ । ଯେଉଁମାନଙ୍କର ବୟସ ବେଶୀ, ବୁଢ଼ା ହୋଇଗଲେଣି, ସେମାନେ ଟିକିଏ ଦୂରକୁ ଚାଲିଯାଇ ପାଣିକୂଳେ ବସି ଦୁନିଆଯାକର କଥା ପକାନ୍ତି ।

ଖରାଦିନଟା ଭଲ—ଯଦି ଜହ୍ନରାତି ହୋଇଛି ସବୁଠାରୁ ଭଲ । ନଈବାଲିର ଦୃଶ୍ୟ ଅତି ଚମତ୍କାର । ରାତି ଘଡ଼ିଏ ନ ହେଲା ପର୍ଯ୍ୟନ୍ତ ପିଲାଏ ଘରକୁ ଫେରନ୍ତି ନାହିଁ । ବଡ଼ମାନେ ଆହୁରି ଘଡ଼ିଏ ଯାଏ ବସିରହନ୍ତି । ଉପରେ ଚାନ୍ଦ, ଝିକିମିକି ବାଲି, ଗୋଟାଏ ଆଡ଼େ ପାଣି, ବାଲି ଓ ପାଣି ଉପରେ ଜହ୍ନ ଆଲୁଅ ମଡ଼ାଥିବ—କି ଚମତ୍କାର ଦୃଶ୍ୟ ! ଏମିତିକା ସମୟ ହୋଇଥିବ ଯେ ଦେହ ନରମ ଶୀତେଇ ଆସିବଣି । 'ଆଉ ଟିକିଏ ବସିବା' ବୋଲି ଜଣେ ଜଣେ କହୁ କହୁ କେତେ ରାତି ହୋଇଯାଏ । ମଇଁଷିପଲ ଯେତେବେଳେ ବାଲିକୁ ଗଡ଼ନ୍ତି, ଉଠିବାବେଳ ହୋଇଗଲା ବୋଲି ସେତିକିବେଳେ ସତେ ଯେପରି କି ସୂଚନା ମିଳିଯାଏ ।

ସେଦିନ କିନ୍ତୁ ସନ୍ଧ୍ୟା ପୂର୍ବରୁ ମହାନଦୀ କୋଳ ଶୂନ୍ୟ ହୋଇଗଲାଣି । ଗୋଟିଏ ହେଲେ ପିଲା ନାହାନ୍ତି । ପୂର୍ବ ଦିନଠାରୁ ଖବର ଆସିଯାଇଛି ଯେ, ହରି ବାବୁ ସନ୍ଧ୍ୟା ପୂର୍ବରୁ ଆସି ପହଞ୍ଚିବେ । ଗାଁର ପାଞ୍ଚ ସାତ ଜଣ ପିଲା ତାଙ୍କ ପାଖକୁ ଯାଇଥିଲେ । ପିଲାମାନଙ୍କ ଅନୁରୋଧ ଏଡ଼ି ନ ପାରି ସେ 'ହଁ' ଭରିଥିଲେ । କେବଳ ଏତିକି ସର୍ତ୍ତ ରଖିଥିଲେ ଯେ ତାଙ୍କ ସହିତ ଆଉ ଆଠ ଦଶ ଜଣ ଯିବେ । ତାଙ୍କର ଆସିବାକୁ ପିଲାମାନେ ଅପେକ୍ଷା କରି ବସିବେ ଉପରେ

Digitized by srujanika@gmail.com

ବୁଲବୁଲ କରୁଥାଆନ୍ତି—ଗାଁ ଭିତରକୁ ଦଉଡ଼ିଯାଇ ବୈଠକଟି ଯେଉଁଠି ହେବ ସେ ସ୍ଥାନରେ ସବୁ ଠିକ୍‌ଠାକ ହୋଇଛି କି ନାହିଁ ଥରକୁ ଥର ଦେଖି ଆସୁଥାଆନ୍ତି ।

ସୁର ବାବୁଙ୍କ ନାତି ଏକୋଇଶିଆ

ଏମିତି ଯୋଗ ପଡ଼ିଯାଇଥାଏ ଯେ ସୁର ବାବୁଙ୍କ ନାତିର ସେହି ଦିନ ଏକୋଇଶିଆ । ସମସ୍ତେ ତାଙ୍କର ଘରେ ଖାଇବେ । କଥା ହୋଇଥାଏ ସନ୍ଧ୍ୟା ପୂର୍ବରୁ ବିଧିବିଧାନ ସବୁ କିଛି ଶେଷ କରି ଦିଆଯାଇଥିବ । ହରି ବାବୁ ଆସିଲେ ଗୋଟିଏ ଭଲ ନାଁ ବାଛିଦେବେ । ନାତିକୁ ସେହି ନାମ ଦେଇଦେଲା ପରେ ବଇଠକ ବସିବ । ଠିଆପୂଜା ହେବ ତା’ ପରଦିନ—କାରଣ ସେଦିନ ବୈଠକ ଶେଷ ହେଲାବେଳକୁ ରାତି ବେଶୀ ହୋଇଯାଇଥିବ । ପିଲାଏ ଶୋଇପଡ଼ିବେ; ପାଲା ଦେଖି ପାରିବେ ନାହିଁ ।

ଠିକ୍ ସମୟରେ ପହଞ୍ଚିଗଲେ

ତାଙ୍କ କହିବା ମୁତାବକ ସେ ଠିକ୍ ଛଅଟାବେଳେ ଆସି ପହଞ୍ଚିଗଲେ । ଗାଡ଼ିରୁ ଓହ୍ଲାଇବାମାନେ ଘଡ଼ିଟିକୁ ଦେଖିଦେଇ କହିପକାଇଲେ—“ମୋର ତ ଭାରି ଡର ଥିଲା ଯେ ଡେରି ହୋଇଯିବ ।”

ଅଳ୍ପଦିନ ହେଲା ରେଳବାଇ ଚାକିରିରୁ ପେନସନ ନେଇ ଆସିଥିବା ନନ୍ଦ ବାବୁ କହିଲେ—“ଯେମିତି ପନ୍ଦର କୋଡ଼ିଏ ମିନଟ୍ ଡେରି ହୋଇ ଯାଇ-ଥିଲେ ତ ସୃଷ୍ଟି ପ୍ରଳୟ ହୋଇ ଯାଇ ନ ଥାନ୍ତା ।” ହରିବାବୁ ତାଙ୍କ ମୁହଁକୁ ଚାହିଁ ଟିକିଏ ହସିଦେଲେ—“ଆପଣଙ୍କ କଥା ଶୁଣି ମୋର ଗୋଟିଏ ଘଟଣା ମନେ ପଡ଼ିଯାଉଛି । ସେଦିନ ଜଣେ ବିଳାତଫେରନ୍ତା ଭଦ୍ରଲୋକ ଆସିଥିଲେ । ସଭା ଆରମ୍ଭ ହେବାର କଥା ସାତଟାବେଳେ । ସାଢ଼େସାତଟା ହେଲାଣି, ଆରମ୍ଭ ହେଉ ନାହିଁ । ତାଙ୍କ ପାଖରେ ମୁଁ ବସିଥିଲି । ଆପଣଙ୍କ କହିଲା ଭଳି ତାଙ୍କୁ ବୁଝାଇଲି—ଆମ ଦେଶରେ ଏମିତି ଟିକିଏ ଡେରି ହୋଇଯାଏ । ସେ ଅତି ଭଦ୍ର ଭାବରେ କେବଳ ଏତିକି କହିଲେ, ଯେ ଦେଶରେ ଥଟ୍ଟାରେ କୁହାଯାଏ ଆଇ: ଏସ୍: ଟି:ର ଅର୍ଥ ନୁହେଁ—ଇଣ୍ଡିଆନ ଷ୍ଟାଣ୍ଡାର୍ଡ ଟାଇମ—ପ୍ରକୃତ ଅର୍ଥ ହେଉଛି ଇଣ୍ଡିଆନ୍ ଷ୍ଟ୍ରେଚେବଲ ଟାଇମ୍ । ତାକୁ ରବର ଭଳି ଟାଣି ହିଆଯାଇପାରେ ।” ସେ ଓ ଟିକିଏ ହସିପକାଇଲେ । ଧଳି ବାବୁ ନନ୍ଦ ବାବୁଙ୍କୁ ଚିଡ଼ାଇବା ଉଦ୍ଦେଶ୍ୟରେ କହିଲେ—“ସେ ରେଳବାଇରେ କାମ କରୁଥିଲେ । ଗାଡ଼ି ତ ଠିକ୍ ସମୟରେ

Digitized by srujanika@gmail.com

ଆସିବା ସେ କେବେ ଦେଖିନାହାନ୍ତି । ତେଣୁ ସମପୁର ମୂଲ୍ୟ ବୁଝିବେ କାହୁଁ ?" ସମସ୍ତେ ହସିଉଠିଲେ ।

ଶୋଭାଯାତ୍ରା କଲା ଭଳି ସମସ୍ତେ ଚାଲିଲେ ଗାଁ ଭିତରକୁ । ବଡ଼ ସାନ ସମସ୍ତେ ବସିବା ପାଇଁ ବ୍ୟବସ୍ଥା ହୋଇଛି । ପିଲାମାନେ ସାମନାରେ ବସିବେ—ବଡ଼ମାନେ ପଛରେ ରହିବେ ।

ହରି ବାବୁ ଟିକିଏ ଏଣେତେଣେ ଚାହୁଁଥାଆନ୍ତି । ଆଜି ଗୋଟାଏ କ'ଣ ଉତ୍ସବ କି ? ଚାରିଆଡ଼େ ସଫାସୁତୁରା ! ବେଶ୍ ଧାଁ-ଧପଡ଼ ଚାଲିଛି । କଥା କ'ଣ ବୋଲି ମନେ ମନେ ବିଚାରୁଥାଆନ୍ତି । ଏତିକିବେଳେ ସୁର ବାବୁ ଆସି ଆରମ୍ଭ କଲେ—"ଆମର ଗୋଟିଏ ନାତି ହୋଇଛି । ଆଜି ଏକୋଇଶା ଦିନ । ଏକୋଇଶିଆରେ ନାଁ ଦିଆହେବ । ଆପଣ ବାଛିଦିଅନ୍ତୁ ବୋଲି ଆମ ସମସ୍ତଙ୍କର ଇଚ୍ଛା ।"

ତାଙ୍କ ପାଟିରୁ କଥା ଶେଷ ହୋଇଛି କି ନାହିଁ—ରେଣୁ କଅଁଳା ପିଲାଟିକୁ ନେଇ ଆସିଲା । ତା'ପଛରେ ଲଟେଶ୍ୱ ଓ ବୁଟେଶ୍ୱ ଥାଆନ୍ତି । ପୁଅଟିକୁ ଦେଖି ହରି ବାବୁ ଠିଆ ହୋଇକରି ଆଶୀର୍ବାଦ କଲେ— "ଏଇଟି ଶତବର୍ଷ ଆୟୁଷ ପାଉ ।" ଏତିକ କହି ତାକୁ ନେଇଯାଅ ବୋଲି ଇଶାରା କଲାରୁ ରେଣୁ ନେଇଗଲା ଘର ଭିତରକୁ ।

ପାଞ୍ଚ ଜଣ କହନ୍ତ

ପ୍ରଥମ କାମ ହେଲାଣି ଗୋଟିଏ ନାଁ ବାଛିବା । ଶଶିଭୂଷଣ ବାବୁ ହାଇସ୍କୁଲରେ ପାଠ ପଢ଼ାନ୍ତି ଶୁଣି ହରି ବାବୁ ତାଙ୍କର ଆଡ଼କୁ ଚାହିଁଲେ । ସେ ଟିକିଏ ଭାବିସାରି କହିଲେ—'ଦେବଦତ୍ତ' ଦିଆଯାଉ । "ନାଆଁଟି ଭଲ ଯେ, ନୂଆ ନୁହେଁ" ବୋଲି ବାବାଜୀ ମତ ଦେଇଦେଲେ ।

"ଜିଷ୍ଣୁ ଦେଲେ କେମିତି ହୁଅନ୍ତା ?" ପ୍ରଶ୍ନର ଉତ୍ତରରେ ଗୋପାଳ ବାବୁ ହସି ହସି କହିଦେଲେ, "ପୁରାଣର ଭଲ ନାଁ ଯେ—ସମସ୍ତେ ଡାକିବା ସହଜ ହେବ ନାହିଁ —ଶେଷକୁ ବଇଷମ ବୋଲି ରହିଯିବ ।"

ଚନ୍ଦ୍ରିବୋଉମା' ସେଇ ବାଟେ ଯାଉଥିଲେ । ତାଙ୍କୁ ପଞ୍ଚାନବେ ପ ଛୟାନବେ ପଶିଲାଣି । ଏତେ କାଳ ପରେ ପୁଅଟିଏ ହୋଇଛି । ତା' ଆଗ କେତେ ଆରତରେ ଦିଅଁ ଦେବତାଙ୍କୁ ଡାକୁଥିଲେ କେମିତି ନାତି ଖେଳାଇବେ । ତା' ନାଁ ଦିଆଯାଉ 'ଆଶି' । ବୁଢ଼ୀବୋଉଙ୍କ ମନକୁ କଥାଟି ଅପାଉଥି ପାଇଲା ।

Digitized by srujanika@gmail.com

ସେ କେବଳ ଏତିକି ଯୋଡ଼ିଦେଲେ—"ମୋ ବାପଘର ଗାଁରେ ଜଣଙ୍କର ଗୁରୁପୁଅ ହୋଇ ମରିଥିଲେ । ଗୁରୁଗୁଷ୍ଟିଯାକ ଦେଖିବାକୁ ଯେମିତି ସୁନ୍ଦର, ନାଁ ଦିଆଯାଇ-ଥିଲା ସେମିତି ବଢ଼ିଆ । ଶେଷ ପୁଅ ଯେତେବେଳେ ହେଲା ଜଣେ କହିଲେ, ପିଲାଟିର ନାଁ ଦିଅ ଗନ୍ଧଆ । ଦେଖିବ, ଯମ ତାକୁ ଛୁଇଁବ ନାହିଁ । ସେଇଆ ଦିଆ-ହେଲା । ବଡ଼ ହେଲାରୁ ତା'ର ନାଁ ହେଲା ଗନ୍ଧର୍ବ । ସେ କେମିତି ମଣିଷ ହେଲା ସମସ୍ତେ ଦେଖି କାବା ହୋଇଗଲେ । ମୁଁ କହୁଛି ଏହି ପୁଅ ନାଁ ରହୁ ଶୁକୁଠା । ବଡ଼ ହେଲେ ଶୁକଦେବ ବୋଲି କହିବେ ।" କଥାଟାକୁ ସେ ଏମିତି ଭାବରେ କହିଲେ ଯେ କେହି ଆଉ ତାକୁ ହସରେ ଉଡ଼ାଇ ଦେଇପାରିଲେ ନାହିଁ ।

ପ୍ରକୃତରେ କେତେ କଷ୍ଟ

ପୁଅର ମାମୁଘର ଗାଁରୁ ଯେଉଁ ଦୁଇଜଣ କୁଣିଆ ଆସିଥିଲେ ତାଙ୍କର ଭିତରେ ଜଣଙ୍କ ପାଟିରୁ ବାହାରିପଡ଼ିଲା—"ପ୍ରକୃତରେ ଗୋଟିଏ ନାଁ ଦେବାଟା କେତେ କଷ୍ଟ !"

ଏହି ମତକୁ କିଏ କହୁ ବୋଲି ହରି ବାବୁ ଯେତେ ଯେତେ ଅପେକ୍ଷା କରିଥିଲେ । ତାଙ୍କ ପାଟିରୁ କଥାଟିକୁ ଝାମ୍ପି ଆଣିଲା ଭଳି ନେଇଆସି ସେ ଆରମ୍ଭ କରିଦେଲେ—

"ତୁମେ ଯେ କହିଲ ଅସଲ ସାର କଥା । ପୁଅ-ଝିଅଙ୍କ ପାଇଁ ନାମ ବାଛିବା ଆଜି ଯେମିତି ସହଜ ନୁହେଁ—କୌଣସି ଯୁଗରେ ମଧ୍ୟ ସହଜ ନଥିଲା; ବରଂ ଆହୁରି କଷ୍ଟ ଥିଲା । ଆଜି ତ ଆମ ପାଇଁ ଶହ ଶହ ନାମର ନମୁନା ରହିଛି । କିଛି ନ ହେଲା ବେଳକୁ ସେଇଥିରୁ ଗୋଟିଏ ଦେଇଦେଲେ ବି କାମ ଚଳିଯିବ । ଯେଉଁ ଯୁଗରେ ଏହିସବୁ ନାମ ଆଦୌ ନଥିଲା, ସେ ଯୁଗରେ ପୁଣି କଅଣ କେମିତି ହୋଇଥିବ ।

ଆଦୌ ନଥିଲା କଅଣ ?

ବ୍ରଜକିଶୋର ବାବୁ ସେଇଠି ବସିଥିଲେ । କଥା ପଡ଼ିଲାରୁ ସେଦିନ ସେ ଗାଁ ପିଲାଙ୍କୁ କହିଥିଲେ—"ଆରେ, ତୁମେ ସବୁ ମୋ ଆଗରେ ଏଗୁଡ଼ା କଣ ଦେଖାଉଛ ? ମୁଁ ମଧ୍ୟ ତେୟାଅଶୀଟା ଦୋଳପୂର୍ଣ୍ଣିମାରେ ଭୋଗକରି ସାରିଲିଣି । ଏତେ ବର୍ଷର ଅଭିଜ୍ଞତା—ଅଙ୍ଗନାଙ୍କ କଥା ତାଙ୍କ ବୁଦ୍ଧିକୁ ଗୋଟାଏ ପାଗରେ ପକାଇ ଦେଇ ସାରିଛି । ସେ ପଚାରିଲେ—"ଏମିତି କଣ ଯୁଗ ଥିଲା ଯେ

Digitized by srujanika@gmail.com

ମଣିଷଙ୍କର ଆଦୌ କିଛି ନାମ ନ ଥିଲା ? ପୁଣି ଡକାଡାକି ହେଉଥିଲେ କେମିତି ?"

ଏହି ପ୍ରଶ୍ନ ତାଙ୍କ କାମକୁ ଆହୁରି ସହଜ କରିଦେଲା । ସେ ଟିକିଏ ଦମ୍ଭ ହୋଇ ବସି ବୁଝାଇଲେ—"ମୁଁ ଯାହା କହିଲି ସେଥିରେ ନିଶ୍ଚୟ ଅବିଶ୍ୱାସ ହେବାର କଥା । ଯାହା ଆମେ ଆଖି ଆଗରେ ଦେଖୁଛୁ—କାନରେ ଶୁଣୁଛୁ, ତାହା ସେ ଦିନେ ଆଦୌ ନଥିଲା, ଏ କଥା ଶୁଣିବାକୁ ସତ ଲାଗେ ନାହିଁ । ମଣିଷର ନାହିଁକି ଆଦୌ କୌଣସି ନାମ ଦିନେ ନଥିଲା ତାହାର କାରଣଟା କହୁଛି ।

[ଦେଖିବୁ ଚିହ୍ନା କହିବ କେମିତି ?]

Digitized by srujanika@gmail.com

କାହାର କିଛି ହେଲେ ନାଁ ନଥିଲା—କେମିତି ଡକାଡକି ହେଉଥିଲେ ବୋଲି ଠଉରେଇ ହେଇ ଜନ୍ତୁ, ମିଠୁ, ଜାମୁ ଓ ଠରୁ ପାଖକୁ ପାଖ ଲଗି ଆସିଲେଣି । ହର ଅଜା ବୁଝାଇଲେ 'ଆଜି ଯେଉଁ ପାଣି, ମାଟି, ଗଛ, ପଥର ଦେଖୁଛ ହଜାର ହଜାର ବର୍ଷତଳେ ସେହିସବୁ ଥିଲା ସତ—କିନ୍ତୁ ସେହି ନାମରେ ସେଗୁଡ଼ିକୁ କେହି କହୁ ନଥିଲେ । ସେଇଟା ଥିଲା ଗୋଟାଏ ବଣର ଯୁଗ । ଲୋକେ ଲୁଗା ପିନ୍ଧି ଜାଣି ନଥିଲେ । ଆମେ ଯେମିତି କଥାବାର୍ତ୍ତା କରୁଛୁ ସେମିତି କରୁନଥିଲେ । ପ୍ରକୃତରେ କହିବାକୁ ଗଲେ ସେଇଟି ଥିଲା ପଥରର ଯୁଗ । ପିଲାମାନେ ଶୁଣ, ତୁମ ମନକୁ ସେହି ହଜାର ହଜାର ବର୍ଷ ତଳକୁ ନେଇଯାଅ ।

[କଣ ଦେଖିଲୁ କି ?]

ଜଣେ ଲୋକ ବଣ ଭିତରୁ ପଦାକୁ ବାହାରିଆସିଛି । ତା' ହାତରେ ଖଣ୍ଡେ କାଠ । ସେ ଖଣ୍ଡେ ପଥର ଉପରେ ଠିଆ ହୋଇ ଦୂରକୁ ଚାହିଁଛି; ଦେଖିଲେ ମନେ ହେବ ସେ ଡରିଯାଇଛି । ଏତିକି ବେଳେ ଆଉ ଜଣେ ଲୋକ ଆସୁଛି । ଚେହେରାଟା ବଡ଼ ମଣିଷ ଭଳି—ହାତରେ ମୋଟା ଗଣ୍ଠିଲ କାଠଖଣ୍ଡେ ଧରିଛି । ଠିଆହେବା ଲୋକ ଆଉକୁ ଚାହିଁଦେଇ ସେ ମନେ ଯେପରି କି ପଚାରୁଛି କଅଣ ମିଏ ଦେଖି ଏମିତି ଠିଆହୋଇଯାଇଛି ? ଇଏ ତାକୁ ଦୁଇ ହାତ ମେଲାକରି ଦେଖାଇଲାବେଳକୁ ସେ ଭାବୁଛି ବାରହା ଭଳି ଗୋଟାଏ କ'ଣ ଜୀବ ହୋଇଥିବ । ସେହି ବିଷୟରେ ନିଶ୍ଚିତ ହେବା ପାଇଁ ସେ ଆଉରି କ'ଣ ଇସାରା

Digitized by srujanika@gmail.com

ଦେଲା । ଇଏ ଦ୍ୱିଶସ୍ତ ଥର ହାତରେ ଦେଖାଇଲେ ମଧ୍ୟ ସେ ବୁଝିପାରୁନାହିଁ । ଶେଷରେ ଯେତେବେଳେ ପାପୁଲିଟାକୁ ବଙ୍କାଇ ଦେଖାଇଦେଲା, ସେତେବେଳେ ଯାଇ କାଠଗଣ୍ଡିବାଲା ବୁଝିଗଲା ଯେ ଗୋଟାଏ ବଡ଼ ସାପ ଦେଖିଚି ବୋଲି ସେ କହୁଚି ।”



[ଫଣାରୁ ଜଣାପଡ଼ିଲା]

ଏହି କଥା ଶୁଣି ପିଲାଙ୍କ କଥା କଏ ପଚାରେ—ବଡ଼ମାନେ ମଧ୍ୟ ଗୋଲମାଲଆରେ ପଡ଼ି-ଗଲେଣି । ବାବୁଲିଙ୍କୁ ହସ ମାଡ଼ିଲା —ହସ ଚାପିଦେଇ ସେ ପଚାରିଲା “ଏକାଥରକେ ସେ କହିଦେଲା ନାହିଁ ସାପଟାଏ ଦେଖିଛୁ ବୋଲି ? ଏତେ ଠଗାଠଗିଯାଏ କଥା ଗଲା କାହିଁକି ?”

ଅଜା ତା ମୁହଁରୁ କଥି ସମସ୍ତ ଶୁଣି ଖୁସି ହେଲା ଭଳି ସ୍ୱରରେ କହିଲେ—“ସେଇଠି ତ କଥାରେ ଗଣ୍ଠି ପଡ଼ିଯାଇଥିଲା । ସେ ଦେଖି ଆସିଥିଲା ଗୋଟାଏ ସାପ । କିନ୍ତୁ ଯେଉଁ ଜୀବଟାକୁ ଦେଖିଥିଲା ତାକୁ ସେ ପର୍ଯ୍ୟନ୍ତ କେହି ସାପ ବୋଲି କହି ନଥିଲେ । ଇଏ ଯେଉଁ ଲୋକ କାଠଗଣ୍ଡି ଧରି ଫେରୁଥିଲା, ସେ ଦୂରରୁ ଦେଖିଥିଲା ଗୋଟିଏ ବାର୍‌ହା । ପହିଲି ଲୋକ ଯେତେବେଳେ ହାତ ମେଲାଇ ଦେଖାଇଲା ସେ ଭାବିଲା, ସେ ବୋଧହୁଏ ତାହାର କଥା କହୁଛି । ଏ ଲୋକ ଯେତେବେଳେ ପାପୁଲିକୁ ଫଣା ଭଳି କରି ଦେଖାଇଦେଲା ସେ

Digitized by srujanika@gmail.com

ବୁଝିଗଲି ଇଏ ଗୋଟାଏ ବଡ଼ ସାପ କଥା କହୁଛି । ସିଧାସଳଖ କହିବା ସମ୍ଭବ ନଥିଲା—କୌଣସି ଜୀବଜନ୍ତୁଙ୍କୁ ସେତେବେଳେ ନାଁ ଦିଆଯାଇ ନ ଥିଲା । ଛୋଟ ପିଲା ଯେମିତି ଗୁଲୁରୁ ଗୁଲୁରୁ କଥା କୁହନ୍ତି—ଅଧେ ବୁଝି ହେଉଥାଏ, ଅଧେ ବୁଝିହେଉ ନଥାଏ—ମଣିଷଜାତି ସେହି ଅବସ୍ଥାରେ ଥିଲା କହିଲେ ଚଳେ ।”



[ଏହାର ନାଁ ବାରହା]

ବଡ଼ ଅସୁବିଧା ତ ହେଉଥିବ ?

ଅତି ଶ୍ରଦ୍ଧାରେ ଆମ୍ଭ ଯାହାକୁ ଚଗଲା ବୋଲି ଡାକନ୍ତି ସେ ଥିର୍ ଥିର୍ ପଚାରିଲି—“ବଡ଼ସୁବିଧା ତ ହେଉଥିବ ।” ଅଜାଙ୍କ ପାଟିରୁ ଛଡ଼ାଇ ନେଲାଭଳି କଥାଟିଏ କହିଦେଲାରୁ ସେ ମୋଡ଼ିଦେଲେ—“ସେ କଥା କାହିଁକି କହୁଛୁ ! ମନଭିତରେ କେତେ କଣ ମୁଣ୍ଡ ଟେକୁଥିବ; ଅଥଚ ପାଟି କହି ପାରୁ ନଥିବ । ଏହାଠାରୁ ବଳି ଅସୁବିଧା ଆଉ କଣ ଥାଇପାରେ ? କିନ୍ତୁ ସେ ଯୁଗର ମଣିଷର ବୁଦ୍ଧି ତ ଏତେ ଖେଳି ନଥିଲା । ତେଣୁ ଅସୁବିଧାଟା ତାକୁ ଯେତିକି ବାଧିବାର କଥା ସେତିକି ବାଧି ନଥିଲା । କ୍ରମେ ଯେତେବେଳେ ଦଶ ପଚାଶ ପୁରୁଷ ପରେ ତା’ ବୁଦ୍ଧି ଖେଳିଗଲା, ସେ ଖାଲି ଛଟପଟ ହେଲା ଭଳି ହେଲା ।

Digitized by srujanika@gmail.com

ତାର ସାହା ହେଲା ନିଆଁ

ହଜାର ହଜାର ବର୍ଷ ତଳର ଆମ ପୂର୍ବପୁରୁଷ ପଶୁଭଳି ଦିନ କଟାଉଥିଲେ । ନିଆଁ କେମିତି ଲଗାଇବାକୁ ହେବ—ଲାଗିଲେ ତାକୁ ସାଇତି ରଖିହେବ ସେ ବିଦ୍ୟା ସେମାନଙ୍କୁ ଜଣା ନଥିଲା । କେଉଁଠି ବଣରେ ଯଦି ଆପେ ଆପେ ନିଆଁ ଲାଗିଗଲା ଲୋକେ ପ୍ରାଣ-ଭୟରେ ପଳାଇ ଯାଉଥିଲେ ବହୁ ଦୂରକୁ । ବଜ୍ର ପଡି ଯଦି ଗୋଟାଏ ଗଛରେ ନିଆଁ ଧରି-ଯାଉଥିଲା ଲୋକେ ଜାଣି ପାରୁ ନଥିଲେ ଗଛଟାକୁ 'କିଏ ଖାଇଯାଉଛି' ! କିଏ ଜଣେ ବା କେତେ ଜଣ କେଉଁଠି ନିଆଁକୁ ପୋଷା ମନାଇପାରିଲେ । ମଝିରେ ମଝିରେ କାଠ ପକାଇଲେ ସେହି ନିଆଁ ବରାବର ରହୁଛି ଦେଖି କାବା ହୋଇଗଲେ—ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । ଲିଭି-ଗଲେ ପୁଣି ଲଗାଇବା କୌଶଳ କ୍ରମେ ଶିଖିଲେ । କାଠରେ କାଠ ଘଷି ନୂଆ ନିଆଁ ଯିଏ ପ୍ରଥମେ

[ନିଆଁ ତାକୁ ନିଃଶେଷ କରିଦେଲା]

ଲଗାଇଲା, ତାକୁ ସମସ୍ତେ ବାହା ବାହା କଲେ—ତାକୁ ଜାଣି ପୂଜା କଲେ । ସେତିକି ବେଳକୁ ରନ୍ଧା ଶିଖିଲେ । ନିଆଁ ସାହାଯ୍ୟରେ କାଠପଥରରେ କେତେ ଜାତିର ହତିଆର ତିଆରି କଲେ । ରାତିରେ ଜଳାଇ ରଖିଲେ ବାଘ ଭାଲୁ ପାଖ ପଶୁନାହାନ୍ତି ଦେଖି ସେ ଆହୁରି ଖୁସି ହୋଇଗଲା । ହଜାର

Digitized by srujanika@gmail.com

[ମଣିଷ ସଭ୍ୟ ହେଲାଣି]

ଦେଖିଲାବେଳକୁ ମଣିଷ ପିନ୍ଧୁଛନ୍ତି ଲୁଗା । ଆଉ ଏଣେତେଣେ ଦଳ ଦଳ ହୋଇ ନବୁଲି ଗୋଟିଏ ଗୋଟିଏ ଜାଗାରେ ଦହୁଲୋକ ରହୁଛନ୍ତି । ଏକାଠି

Digitized by srujanika@gmail.com

ରହିଲାରୁ ନିଜ ନିଜ ମନର କଥା କହିବା ଦରକାର ହୋଇପଡ଼ିଲା । ଆଉ ଠାରି, ହାତକୁ ଏଣେତେଣେ ଦେଖାଇ, ମୁଣ୍ଡକୁ ଏପାଖ ସେପାଖ କରି କାମ ଚଳାଇବା ସୁବିଧା ହେଲା ନାହିଁ । ଯେତେ ପ୍ରକାରେ ଯାହା କଲେ ମଧ୍ୟ ସବୁ ପଡ଼ିଗଲା ନାଅଣ୍ଟ ।

ନାଁ ଦେବାକୁ ହିଁ ହେବ

ଯେଉଁସବୁ ଜିନିଷ 'ଅତି ଦରକାରୀ' ଯାହା ବିନା ଚଳିହେବ ନାହିଁ, ଅତି ନିକଟରେ ଯାହା ଦେଖିଥିଲେ ସେଗୁଡ଼ିକ ଭିତରୁ ପ୍ରତ୍ୟେକ ପାଇଁ ଗୋଟିଏ ଲେଖାଁ ନାମ ଦରକାର ପଡ଼ୁଛି । ଯେଉଁମାନଙ୍କ ବୁଦ୍ଧି ତାରିଫ, ସେହିମାନଙ୍କ ଉପରେ ଦାୟିତ୍ୱ ପଡ଼ିଲା କାହାକୁ କ'ଣ କୁହାଯିବ ସ୍ଥିର କରିଦେବା ପାଇଁ ।

ଆଜି ଆମେ ଯାହା ପିଉଛୁ ତାକୁ ପାଣି ବା ଯାହା ଯୋଗୁଁ 'ଗନ୍ଧ ଛୁଟି' ତାକୁ 'ନିଆଁ' ବୋଲି କହିଦେଉଛୁ । ଠିକଏ ଅନୁମାନ କର—ଏହି ଦୁଇଟି ନାମ ବାଛିବା ପାଇଁ ଓ ସମସ୍ତଙ୍କ ମୁହଁରେ କୁହାଇବା ପାଇଁ କେତେ କାଳ ଲାଗି-ଯାଇଥିବ । ଥରେ ଏହାକୁ ଆଦରିଗଲା ପରେ ସମସ୍ତଙ୍କର କେତେ ସୁବିଧା ହୋଇ ନଥିବଟି !

ପ୍ରତି ଲୋକ ମୁଣ୍ଡରେ ଗୋଟିଏ କଥା ଖେଳିଥିବ । ସେଇଟି ହେଲା କେମିତି ଶୀଘ୍ର ଶୀଘ୍ର ନାଁ ଦିଆଯିବ । ଗୋଟିଏ ନାଁ ଦେଇଦେଲେ ସେଥିରୁ ଜିନିଷ୍ଟିରିଟା କଥା ବର୍ଷାଦିନେ କଦଳୀଗଛ ମୂଳରେ ଧୁଆଁ ବାହାରିଲା ଭଳି ବାହାରି ପଡ଼ିଥିବ ।"

ଆଗ ପଢ଼ ନିଜ ଦେହକଥା

ଅପର୍ଣ୍ଣି ଖୁବ୍ ମନଦେଇ ସବୁକଥା ଶୁଣୁଥାଏ । କଥା କହିବାରେ ସେ ଗୋଟାଏ ନୂଆ ଢଙ୍ଗ ପାଇଛି । ହସି ହସି କହିଲା—"ସବୁ ନାଁ ଦେଲାବେଳେ କ'ଣ ଏମିତି ଏକୋଇଶିଆ ଖିଆପିଆ ହୋଇଥିବ ?"

ସମସ୍ତେ ସିନା ହସିଦେଲେ—ହରି ବାବୁଙ୍କୁ ଗୋଟାଏ ଭଲ ଖିଅ ମିଳିଗଲା । ଠିକଏ ରହିଯାଇ ଗୋଟାଏ ଭାଷଣ ଦେବା ଢଙ୍ଗରେ ଆରମ୍ଭ କଲେ —"ଆଜିକାଲି ସିନା ନାଁଦେବାଟା ସହଜ ବୋଲି ଏକୋଇଶ ଦିନରେ କାମ ସାରିଦିଆଯାଉଛି— ସେ କାଳରେ ତ ଆହୁରି ବେଶୀ ଦିନ ଲାଗୁଥିବ । ଯେଉଁ ଦିନ ଗୋଟିଏ ନାମ ଆସି କାହା ମୁଣ୍ଡରେ ପଶିଯାଇଥିବ ସେଦିନ ସେ କେତେ ପ୍ରଶଂସା ନ ପାଇଥିବଟି !"

Digitized by srujanika@gmail.com

ଏତିକି କହି ଟିକିଏ ରହିଗଲେ । ଆଖି ବୁଲାଉ ବୁଲାଉ ଗୋଟିଏ ପିଲାକୁ ପାଖକୁ ଡାକିଲେ । ପ୍ରଭାକର ଟିକିଏ ଡରିଲା ଭଳି ହୋଇ ତାଙ୍କ ପାଖରେ ଯାଇ ଠିଆହେଲା । ଖଣ୍ଡିଏ ହାଫ୍‌ପ୍ୟାଣ୍ଟ ପିନ୍ଧିଛି—ଦେହରେ ଆଉ କିଛି ନାହିଁ । ଶ୍ରଦ୍ଧାରେ ତା' ପିଠି ଆଉଁସି ଦେଇ କହିଲେ—"ବାବୁରେ, ସମସ୍ତଙ୍କ ଆଡ଼କୁ ଆଗକୁ ମୁହଁ କରି ସିଧା ଠିଆ ହ ।"

ବୁଝାଇଲେ—"ମୋର ଅନୁମାନ ମଣିଷଜାତିର ମନ ନିଶ୍ଚୟ ଯାଇଥିବ ପ୍ରଥମେ ନିଜ ଦେହ ଆଡ଼କୁ । ଏଇଟି ହେଉଛି ଏହି ପିଲା ଦେହର ଗୋଟିଏ ଅଙ୍ଗ; ଆମେ ଯାହା ଖାଉ ତାହା ଯାଇ ରୁହେ ଏହାରି ଭିତରେ । ଦିନେ ହୁଏତ ଜଣେ କହିଲା ଏହାର ନାମ ପେଟ । ସମସ୍ତେ ସେଇ ନାମଟିକୁ ଗ୍ରହଣ କରି-ଗଲେ । ଦିନେ ଦେଖିଲାବେଳକୁ ଜଣେ କହୁଚି 'ମୁଁ ପେଟେ ଖାଇବି' । ଆଉ ଦିନେ ମା' ଗାଳି ଦେଉଛି ପୁଅକୁ । ବଡ଼ପାଟିରେ କହୁଛି 'ତୁ ଗୋଟାଏ ପେଟୁ' । ତୁଆଟି ବରାବର ଉପରକୁ ମୁହଁ କରି ଶୋଉଥିଲା । ଯେଉଁ ଦିନ ଓଲଟି ପେଟ ଭରାଦେଇ ଶୋଇ ଖେଳିଲା, ସେଦିନ ମା' ପାଟିରୁ ବାହାରିପଡ଼ିଲା 'ଦେଖିଲଣି—ସେ କେମିତି ପେଟେଉଛି !' ଏଇଥିରୁ ଆମେ ଦେଖିପାରିବା ଦେହର ଗୋଟିଏ ଅଙ୍ଗର ନାମ ପେଟ କେତୋଟି ନୂଆ ରୂପ ଧରି କେତେପ୍ରକାରେ କ'ଣ ସବୁ ବୁଝାଇ ଦେଉଛି । ପେଟ, ପେଟେ ପେଟୁ, ପେଟେଇ—ପ୍ରତ୍ୟେକଟି ହେଲା ଗୋଟିଏ ଗୋଟିଏ ଭିନ୍ନ ଭିନ୍ନ ଶବ୍ଦ । ଶଶୀ ବାବୁ ପରା ପିଲାଙ୍କୁ ବ୍ୟାକରଣ ପଢ଼ାନ୍ତି । ମୁଁ ଯାହା କହୁଚି ତାହା ଠିକ୍ ନାଁ ?"

ଶଶୀ ବାବୁ ଆଉ ଉତ୍ତର ଦେବେ କ'ଣ—ତାଙ୍କ ମୁହଁରେ ହସ ଫୁଟି ଉଠିଲା । କେବଳ ଏତିକି କହିଲେ—"ଦେହର ପ୍ରତି ଅଙ୍ଗ ବିଷୟରେ ତ ଏହିଭଳି କୁହାଯାଇପାରେ !" ସିଏ ସେତିକି କହନ୍ତୁ ବୋଲି ତ ହରି ବାବୁ ଅପେକ୍ଷା କରୁଥିଲେ । ଖିଅଟାକୁ ଲମ୍ବାଇଦେଲା ଭଳି କହିଲେ—"ଏଥିରେ ଆଉ ସନ୍ଦେହ ଅଛି ? ଦେହର ଯେକୌଣସି ପ୍ରଧାନ ଅଙ୍ଗ ବିଷୟରେ ଏହିଭଳି କୁହା-ଯାଇପାରେ । ମୁଣ୍ଡଆଡ଼ୁ ଆରମ୍ଭ ହେଉ । 'ମୁଣ୍ଡେ' ବୋଝ, 'ମୁଣ୍ଡେଇ' ନେଇଯା, ତୋତେ କିଏ ସବୁବେଳେ 'ମୁଣ୍ଡେଇଥିବ', ତୋ 'ମୁଣ୍ଡ' କିଆଁ ବିଥଉଛି, 'ମୁଣ୍ଡ'ପାଗଳା, 'ମୁଣ୍ଡେ' ଡକୁଣୀ, 'ମୁଣ୍ଡ' ଅଣ୍ଡାକର କଥା କୁହ—ଏହିଭଳି କେତେ ପ୍ରକାରେ କୁହାଯାଇପାରେ ଲକ୍ଷ୍ୟ କର । କାନ୍ଧରୁ କାନ୍ଧେ, କାନ୍ଧେଇବା, କାନ୍ଧିଆ ପ୍ରଭୃତି ଶବ୍ଦ କେତେ ସହଜରେ ତିଆରି କରାଯାଇ ପାରୁଛି କହିଲ ଦେଖି ? ଗୋଡ଼ରୁ ଗୋଡ଼େ, ଗୋଡ଼ାଇ, ଗୋଡ଼ିଆ ବାହାରିଲା ଭଳି, ପିଠି ନଖ, ନାକ,

Digitized by srujanika@gmail.com

ଆଖି ଭଳି ଶବ୍ଦ ସାହାଯ୍ୟରେ ଆମେ କେତେ ପ୍ରକାରେ ଭାବପ୍ରକାଶ କରୁଛୁ— କହନ୍ତୁ ଦେଖି ଗୋପାଳ ବାବୁ ! ଦେହର ପ୍ରତ୍ୟେକ ଅଙ୍ଗକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ନାମ ଦେଇଦେଲା ପରେ ଭାବ ପ୍ରକାଶ ପାଇଁ କେଡ଼େ ସୁନ୍ଦର ଭାବରେ ବାଟ ଫିଟିଯାଉଛି ! ପିଲାମାନେ ଲକ୍ଷ୍ୟ କରୁଛ ?”

ସମସ୍ତେ ସତେ ଯେପରି କି ଏକସ୍ୱରରେ କହିଉଠିଲେ ‘ହଁ’ ।

କାମ ଗୋଟିକେ ନାଁ ଗୋଟିଏ

ହରି ଅଜାଙ୍କର ଗୋଟିଏ ଅଭ୍ୟାସ ରହିଯାଇଛି । ସେ ମଝିରେ ମଝିରେ ଖଣ୍ଡେ ଖଣ୍ଡେ ବଡ଼ଆ ପାନ ଖାଇଦିଅନ୍ତି । ସେଥିରେ ଚୂନ, ଖଇର, ଗୁଣ୍ଡି କିଛି ନଥାଏ; କେବଳ ପାନ, ଗୁଆ, ଗୁଜୁରାତି, ଲବଙ୍ଗ । କଥା କହୁ କହୁ ହସିଦେଲେ ଯେ ଗୁଆଖଣ୍ଡେ ତଣ୍ଟିରେ ଲାଗିଗଲା—ଟିକଏ କାଶ ହେଲା । ଅଚ୍ୟୁତ ବାବୁ ଗୁଲୁକୁ ଠାରିଦେଲେ ପାଣି ଗିଲାସେ ନେଇ ଆସିବା ପାଇଁ । ସେ ଚାଲି ଚାଲି ଯାଉଛି ଦେଖି ‘ମିଠୁ, ଦଉଡ଼ିଯାଆ’ ବୋଲି ଏତେ ପାଟିଟାଏ କଲେ ।

ଢୋକେ ପାଣି ପିଇସାରି ସେ ଅଚ୍ୟୁତ ବାବୁଙ୍କ ଆଡ଼କୁ ମୁହଁ ଫେରାଇ କହିଲେ—“ଆଜି ଆମେ କେଡ଼େ ସହଜରେ ‘ଚାଲି’ ଓ ‘ଦଉଡ଼’ ବୋଲି କହିଦେଉଛୁ ଓ ଆହୁରି ସହଜରେ ତାହାର ଅର୍ଥ ବୁଝିଯାଉଛୁ ! କିନ୍ତୁ ଦିନେ ତ ସେହି ଦୁଇଟି କାମ ପାଇଁ ଦୁଇଟି ନାଁ ବାଛିବା ସହଜ ନଥିଲା । ଜଣେ ଧୀରେ ଧୀରେ ଗଲେ ‘ଚାଲି’ ଓ ଜୋରରେ ଗୋଡ଼ କାଟି ଚାଲିଲେ ‘ଦଉଡ଼’—ଏଭଳି ଯିଏ ବାଛିଦେଲା, ସେ ଅନ୍ୟମାନଙ୍କ ତୁଳନାରେ ନିଶ୍ଚୟ ଅଧିକ ବୁଦ୍ଧିମାନ୍ ବୋଲି ଜଣାଯାଉଥିବ ।



ମଣିଷ ଦେହର ଭିନ୍ନ ଭିନ୍ନ ଅଙ୍ଗ ଗୋଟିଏ ଲେଖାଁ କାମ କଲାବେଳକୁ ପ୍ରତ୍ୟେକଟି ପାଇଁ ନାମ ଖୋଜାପଡ଼ିଲା ଓ ଦିଆଗଲା । ମୁହଁକୁ ଗୋଟାଏ ପ୍ରକାରରେ କଲେ ‘ହସ’ବୋଲି କହୁଛୁ ଓ ଆଉ

Digitized by srujanika@gmail.com

ପ୍ରକାରେ ହେଲାବେଲକୁ 'କାନ୍ଦ' ନାଁ ଦେଇ ଦେଉଛୁ । ଦେହଟା ଗୋଟାଏ ପ୍ରକାରେ ରହିଲା ବେଳକୁ 'ବସିବା' ତ ଆଉ ଗୋଟାଏ ପ୍ରକାର ବେଳକୁ 'ଶୋଇବା' କଥା ଉଠିଲାଣି । ପେଟେଇବା, ହାମୁଡ଼େଇବା, ଗୁରୁଣ୍ଡିବା—ଏହି ତିନୋଟି ନାମ ଯଦି ଶ୍ରେଷ୍ଠ ପିଲାର ତିନି ଜାତି କାମ ପାଇଁ ନଥାନ୍ତା, ଘରେ ସମସ୍ତେ ତିନି ଥର ଖୁସି ହୋଇ କେମିତି ଭଲା କହିଥାଆନ୍ତେ ? ମନୁଷ୍ୟ ଯେତେ କାମ କରିଛି ବା କରୁଛି ପ୍ରତ୍ୟେକ ପାଇଁ ଗୋଟିଏ ଲେଖାଁ ସ୍ୱତନ୍ତ୍ର ନାମ ରଖିଛି । ଲେଖା, ପଢ଼ା, ହଣା, କଟା, ହଳ, ବେଉଷଣ, ଚଢ଼ା, ଓହ୍ଲା, ରନ୍ଧା ପରଷା—ଯେକୌଣସି କାମ ଦେଖିଯାଅ, ସମସ୍ତେ ଗୋଟିଏ ଲେଖାଁ ନାମ ପାଇଛନ୍ତି । ସେମିତି କରିଦେଲାରୁ ନିଜ ନିଜ ଭିତରେ କଥାବାର୍ତ୍ତା କରିବା କେଡ଼େ ସହଜ ହୋଇଗଲା ଠିକଏ ଭାବିଲ !"

ସେ ତ ପୁଣି ଆଗେଇ ଯାଉଥାଏ

ଆଲୋଚନାଟା ଏମିତିକା ଅବସ୍ଥାକୁ ଆସିଗଲାଣି ଯେ ପିଲା ବଡ଼ ସମସ୍ତେ ଇଚ୍ଛା କରୁଛନ୍ତି ଆଉ କିଛି ଶୁଣିବା ପାଇଁ । ସେ କହିଚାଲିଲେ—ମନୁଷ୍ୟର ବୁଦ୍ଧି ବଢ଼ିବା ସଙ୍ଗେ ସଙ୍ଗେ ସେ ଆଉ ନିଜ ଦେହ ବା ଘର ପାଖର ବଣ-ଜଙ୍ଗଲ ଜୀବଜନ୍ତୁଙ୍କ ପରିଚୟରେ ସନ୍ତୁଷ୍ଟ ହୋଇ ରହିପାରିଲା ନାହିଁ । ସୂର୍ଯ୍ୟ କେମିତି ଉପରକୁ ଉଠୁଛନ୍ତି ଓ ପୁଣି ବୁଡ଼ିଯାଉଛନ୍ତି ତାହା ଲକ୍ଷ୍ୟ କରିବା ପାଇଁ ମନ ବଳାଇଲା । ତାଙ୍କରିଠାରୁ ଗୋଟାଏ କଣ ଆସୁଛି ବୋଲି ଚାରିଆଡ଼ର ସବୁ କିଛି ଦେଖାଯାଉଛି । ସେ ବୁଲୁଛନ୍ତି ଉପରେ । ତାଙ୍କରି ଇନ୍ଦ୍ରକାରୁ ପାଣି ଚାଲିଆସୁଛି । ରାତିରେ ସେ ନଥିଲାବେଳେ ଆଉ ଗୋଟିଏ ଧଳା ହୋଇ ଆସିଯାଉଛି । ତାହାର ପୁଣି ଭିନ୍ନ ଭିନ୍ନ ରୂପ । ଅନେକଗୁଡ଼ାଏ ଶ୍ରେଷ୍ଠ ଶ୍ରେଷ୍ଠ କଅଣ ସେଇ ଗାଇକରେ ମିଞ୍ଜି ମିଞ୍ଜି ଦେଖାଯାଉଛନ୍ତି । ଯେତେ ଯାହା ଲକ୍ଷ୍ୟ କରୁଛି ସବୁକୁ ଗୋଟିଏ ଗୋଟିଏ ନାଁ ଦେବାକୁ ଚେଷ୍ଟା କଲା । ତା' ମନ ଆଗେଇ ଯାଉଥାଏ; ବୁଦ୍ଧି ବଢ଼ୁଥାଏ । ନୂଆ ନୂଆ ନାମ ବାହାରି ପଡ଼ୁଥାଆନ୍ତି ।

ନାଁଗୁଡ଼ିକୁ ସାଇତିବେ କେମିତି ?

ଯେତେ ବୁଦ୍ଧି ଖର୍ଚ୍ଚ ହେଉ ପଛକେ ନାମ ଦେବା କାମଟା ସିନା ଅଳ୍ପ ବହୁତେ ହୋଇଯାଉଥାଏ—ସେଗୁଡ଼ିକ କେମିତି ସାଇତା ଯିବ ତାହାହିଁ ହୋଇଥାଏ ଅସଲ ପ୍ରଶ୍ନ ।

Digitized by srujanika@gmail.com

ଆଉ ଗୋଟିଏ ବାକ୍ୟ ଆରମ୍ଭ କଲା ପୂର୍ବରୁ ମୁହଁକୁ ତଳକୁ କରି କ'ଣ ଟିକିଏ ଭାବୁଛନ୍ତି—ଉପରକୁ ଉଠାଇ ଦେଖନ୍ତି ପାଖରେ ପେଣ୍ଠ ବୟସ୍କ ଲୋକମାନେ ବସିଥିଲେ, ସେମାନେ ମୁରୁକିହସା ଦେଇ କ'ଣ ସବୁ ଚୁପଚାପ୍ କଥାବାର୍ତ୍ତା ହେଉଛନ୍ତି । ହରି ବାବୁ ସେମାନଙ୍କ ଆଡ଼କୁ ଚାହିଁବାରୁ ସେମାନେ ଟିକିଏ ଅପ୍ରସ୍ତୁତ ହୋଇଗଲେ । ଉମାଚରଣ ବାବୁ ଦୋଷ ମାଗିଲାଭଳି କହିଲେ—"ଆପଣ ଯେତେବେଳେ କହିଲେ ନାମଗୁଡ଼ିକୁ ସାଇତିବା ହେଲା ଅସଲ ସମସ୍ୟା, ଏଇ ବାବୁଲା ଓ ବଚ୍ଚୁଲା ଫୁସ୍‌ଫାସ୍ ହେଲେ—'ନାଁଗୁଡ଼ାକ ସାଇତିବା ପାଇଁ କେତେ ହାଣ୍ଡି ମାଠିଆ ଦରକାର ହୋଇଥିବ ?' ସେହି କଥା ଶୁଣି ଆମେସବୁ କହୁଥିଲୁ ଏବକାର ପିଲାଏ କେତେ ଚଗଲା ହୋଇଗଲେଣି !

ଅଜା ମତ ଦେଲେ ଯେ ବାବୁଲା, ବଚ୍ଚୁଲା ହେଉଛନ୍ତି ଭଲ ପିଲା । ମଣିଷ ନୂଆ କରି ଯାହା କହୁଥିଲା, ତାକୁ ସାଇତିବା ପାଇଁ ବରାବର ଚେଷ୍ଟା କରୁଥିଲା । ତା' ନହେଲେ ଅନ୍ୟମାନେ ଜାଣିବେ କେମିତି, ବୁଝିବେ କପରି ଓ ମନେ ରଖିବେ କେଉଁଭଳି ଭାବରେ ? ଆଜିକାଲି ଆମେ ଅକ୍ଷର ଦେଖୁଛୁ— ସେ ଯୁଗରେ ତ ଅକ୍ଷର ନଥିଲା । ଗୋଟାଏ କଥା ଯେ ଲେଖାଯାଇପାରେ, ଏହା କେହି ମନ ଭିତରକୁବି ଆଣୁ ନଥିଲେ । ଶୁଣିବା ଥିଲା ଏକମାତ୍ର ଉପାୟ । ଆଖି ସାମ୍ନାରେ କୌଣସି ଚିହ୍ନ ନଥିଲା ଜଣେ ଯାହା କହୁଛି ତାକୁ ସାଇତିବା ପାଇଁ । ଜଣେ କେହି ଗୋଟାଏ ନୂଆ ଫନ୍ଦା ବାହାର କରିଦେଲା । ସେ କହିଲା, ଗଛ କାଠି ଧରୁ କାଟୁ

Digitized by srujanika@gmail.com

ଦେଖାଇ ଦେଇହେବ—ସାଇତ ଦେଇହେବ । 'ସୂର୍ଯ୍ୟ' ଚୋଲା ସିନା ଲେଖି ହେଉନଥିଲା—ଗୋଟାଏ ଗୋଲ ଭିତରେ ବୁନ୍ଦାଟାଏ ମାରିଦେଲା । ସେମିତିକା ଛବି ଟିଏ ଆଙ୍କି ଦେଲା ସେ ସୂର୍ଯ୍ୟ କଥା କହୁଛି ବୋଲି ସମସ୍ତେ ଜାଣିଲେ । ତାହାର ଦେହରୁ ଯାହା ଆସୁଛି ଓ ଆମକୁ ସବୁକିଛି ଦେଖାଉଛି ତାକୁ ନାଁ ଦିଆଗଲା 'ଆଲୁଅ' ବା 'ଆଲୋକ' । ଗୋଟିଏ ଗୋଲ ଛବି କରିଦେଇ ତାହାର ଦେହରୁ ଚଉଟା ଖଣ୍ଡିଖଣ୍ଡିଆ ଗାର ଟାଣିଦେଲାରୁ ସମସ୍ତେ 'ଆଲୋକ' ବୋଲି ବୁଝିଗଲେ । ଉପରକୁ ଅନାଇ ଅନାଇ 'ଆକାଶ' ନାମ ଦେଲା ପରେ କେମିତିକା ଛବି ଆଙ୍କିଲେ ଲକ୍ଷ୍ୟ କର । ଏହିଭଳି ସବୁ କରୁ କରୁ ବର୍ଷା, ଜଳ, ଚନ୍ଦ୍ର, ତାରା, ଗଛ, ସମୁଦ୍ର—ପ୍ରତ୍ୟେକ ପାଇଁ ଗୋଟିଏ ଗୋଟିଏ ଛବି ଆଙ୍କି ସେହି ନାମଗୁଡ଼ିକୁ ଅନ୍ୟମାନଙ୍କ ପାଇଁ ସାଇତିଦେଲେ । ଦର୍ଶନ, ଶ୍ରବଣ, ଭାଷଣ, କଥାବାର୍ତ୍ତାର ଛବି ଆଙ୍କିଲା ବେଳେ କେମିତି ବୁଦ୍ଧି ଖର୍ଚ୍ଚ କରିଛନ୍ତି, ଲକ୍ଷ୍ୟ କରୁଛ ତ ? ମଣିଷ ମୁଣ୍ଡ ଛବିର ଦୁଇପଟରୁ ଦୁଇଟା ବଙ୍କା ବଙ୍କା ଗାର ଟାଣିଦେଲାରୁ ଅନ୍ୟମାନେ ବୁଝିଗଲେ ବାହାରୁ କଥା ଆସି କାନରେ ପଶୁଛି । ତାହାର ନାମ 'ଶ୍ରବଣ' । ଇଏ କହୁଛି ସିଏ ଶୁଣୁଛି—ସିଏ କହୁଛି ଇଏ ଶୁଣୁଛିକୁ ବୁଝାଇଦିଆଗଲା ଦୁଇମୁଣ୍ଡର କାନରୁ ଗାର ଟାଣି ଯୋଡ଼ିଦେଲା ଭଳି କରିଦେବାରୁ ।

ଲେଖା-ଯୁଗ ଆସିଗଲା

ଏହିଭଳି କଟିଗଲା ହଜାର ହଜାର ବର୍ଷ । ଲୋକମାନେ ଆଉ କେବଳ ଫଳମୂଳ ଶିକାର-ମାଂସ ଉପରେ ନିର୍ଭର କରୁନାହାନ୍ତି । ମଞ୍ଜି ବୁଣି ଫସଲ ଅମଳ କଲେଣି । ଶହ ଶହ ନାମ ଲୋକଙ୍କ ମୁହେଁ ମୁହେଁ ରହିଗଲାଣି । ମାଟିରେ ମାଟିରେ ନୂଆ ନୂଆ ଚିଜ, ଜୀବଜନ୍ତୁ, ଗଛଲତା, ଫଳମୂଳ ପଡ଼ିଯାଉଛନ୍ତି ଆଖିରେ । କେତେ ପଥରରେ ଛବି ଆଙ୍କିବେ ? ଆଉ ଗୋଟାଏ ଉପାୟ ବାହାରନ୍ତା କି ! ପ୍ରକୃତରେ ସେମିତିକା ବାହାରିଲା । ପାଟିରୁ ଯେତେ କିସମର ଧ୍ୱନି ବାହାରୁଥିଲା,



ସେଗୁଡ଼ିକୁ ଛବି କାଟି ରୂପ ଦେଇଦେଲାରୁ 'ଅକ୍ଷର' ସୃଷ୍ଟି ହେଲା । ଥରେ

Digitized by srujanika@gmail.com

ଅକ୍ଷର ଶିଖିଗଲାରୁ "ଲେଖା ଯୁଗ" ଆସିଗଲା । ଯେତେ ଯେତେ ନାମ ଦିଆ ହୋଇଥିଲା ସବୁଗୁଡ଼ିକୁ ଲେଖିଦେବାରୁ ଅନ୍ୟମାନେ ଜାଣିଗଲେ, ପଢ଼ିଦେଲେ । ଜଣେ ବଣରେ ଯାହା ଦେଖିଛି ସେତକ ଲେଖିଦେଲା । ସେ ନଥିଲା ବେଳେ ଅନ୍ୟମାନେ ଜାଣିପାରିଲେ, ସେ ବଣରେ କ'ଣ ସବୁ ଅଛି । ଅକ୍ଷର, ଲେଖା, ପଢ଼ା ହିଁ ମଣିଷକୁ ପ୍ରକୃତ ଅର୍ଥରେ ସଭ୍ୟ କରିଦେଲା । ସେଇଥି ପାଇଁ ଲେଖା-ଯୁଗକୁ କୁହାଯାଏ 'ଆଲୁଅ-ଯୁଗ' । ମଣିଷ ବାହାରିଆସିଲା ଅନ୍ଧାର-ଯୁଗରୁ ଆଲୁଅ ଭିତରକୁ । ଯେଉଁମାନଙ୍କର



ଜ୍ଞାନ ଅଛି—ପଢ଼ାଶୁଣା ଅଛି ସେମାନେ ଦିନରେ ପେଟ ପୋଷିବା ପାଇଁ କାମ କରିସାରିଲା ପରେ ରାତିରେ ଦୀପ ଜାଳି ମନର କଥା ସବୁ ଲେଖିପକାଇଲେ ।

ନାଁ ଦେବା ଢଙ୍ଗ ବି ବଦଳିଲା

ଆଲୁଅ-ଯୁଗ ଆସିଗଲାରୁ ମନୁଷ୍ୟଜାତି ଭିତରୁ ଜଣେ ଜଣେ ଅତି ବୁଦ୍ଧିମାନ୍ ଲୋକ ବାହାରିଲେ । ସେମାନଙ୍କର ଇଚ୍ଛା ଗୋଟାଏ ଜିନିଷର, ଗୋଟାଏ ଜୀବର ବା କାମର ଯେଉଁ ନାମ ରହିବ ସେଇଟିକୁ ସମସ୍ତେ ଗ୍ରହଣ କରିଯାଆନ୍ତୁ—ସ୍ୱୀକାର କରିଯାଆନ୍ତୁ । ସେମିତି କରିବାକୁ ହେଲେ ବହୁତ ପରାମର୍ଶ ଲୋଡ଼ା । ସେଥିର ବ୍ୟବସ୍ଥା ନିଶ୍ଚୟ ହୋଇଥିବ । ସମସ୍ତେ ଗ୍ରହଣ କରିପିବା ଭଳି ନାମସବୁ ଦିଆଗଲାରୁ ଆଉ ଗୋଳମାଳିଆ ଅବସ୍ଥା ରହିଲା ନାହିଁ । ଯେଉଁମାନେ ସେଥିରୁ ଟିକିଏ ଭିନ୍ନ ପ୍ରକାରେ କହିଲେ ସେମାନଙ୍କୁ 'କଥା କହି ଆସୁ ନାହିଁ' ବୋଲି ଅନ୍ୟମାନେ ମତ ଦେଲେ । ମୋଟ ଉପରେ ନାମ ଦେବା ଢଙ୍ଗଟା ବଦଳିଗଲା ।"

ସାନପିଲାଙ୍କୁ ଭୋକ ହେଲାଣି

ସୁର ବାବୁ ଆସି ଗୋଟିଏ ପ୍ରସ୍ତାବ ଦେଲେ । ଗାଁର ସବୁ ସାନପିଲା ଆସି ଅପେକ୍ଷା କରିଛନ୍ତି । ଏଠାରେ ଯେଉଁମାନେ ଅଛନ୍ତି ସେମାନେ ଏକସଙ୍ଗରେ ବସିଗଲେ ଗୋଟାଏ କାମ ଛିଣ୍ଡିଯାଆନ୍ତା । ପିଲାଙ୍କୁ ଭୋକ ହେଲାଣି । ଏଇଟି

Digitized by srujanika@gmail.com

ଭଲ ପ୍ରସ୍ତାବ ବୋଲି ମତପ୍ରକାଶ ପାଇଲା । ଇତନା, ଜିଲୁ, ଲୁଲୁ, ବେବନା, କୁଇନା, ମାମି, ମିତା, ତ ୁ, ପା ୁ, ମଙ୍ଗ ୁ, ସାରଥୀ, ମିଠୁ, ଗୁଲୁ, କବ, ଝୁଲିଆ, ବାପୁ, ପ୍ରଶାନ୍ତ, ମନୁ, କୈଳାଶ, କାବୁଲ, ଠୁଗ, ଚଗଲ, ବାବୁଲ, ଦଲ, ଭଗୁ, ବାଣା, ଜାନ୍ନ, ସ୍ମରନା, ମଇନାଙ୍କ ଆଡ଼କୁ ଧଡ଼ ବାବୁ ଠାଣିଲାରୁ ସେମାନେ ଗୋଟି ଗୋଟି କରି ଠିଆହୋଇଗଲେ । ବଡ଼ପିଲାମାନେ କହିଲେ— "ଆମେ ପଛକୁ ରହିବୁ ।" ସେଇଆ ହେଲା । ସେତେବେଳକୁ ପାଖ ହାଇସ୍କୁଲ ଓ ଦୁଇ ମାଇନର ସ୍କୁଲର ଶିକ୍ଷକମାନେ ଆସିଯାଇଥିଲେ । ସେମାନଙ୍କୁ ଏକୋଇଶିଆ ନିମନ୍ତ୍ରଣ ଥିଲା । ହରିବାବୁ ଆସିଛନ୍ତି ବୋଲି ଜାଣିଥିଲେ ସେମାନେ ନିଶ୍ଚୟ ଆହୁରି ଆଗରୁ ଆସିଥାଆନ୍ତେ । ତେବେ ଯେତିକି ଶୁଣିଲେ ସେଥିରୁ ଧରି-ନେଇପାରିଲେ କେଉଁ କଥା ପଡ଼ିଥିଲା ।

ବୈଠକର ରୂପ ବଦଳିଗଲା

ସାନପିଲାମାନେ ବସିଗଲାରୁ ସେଦିନର ବୈଠକର ରୂପଟା ବଦଳି-ଗଲା । ରହିଗଲେ କେତେ ଜଣ କଲେଜ ଛାତ୍ର, ପନ୍ଦର କୋଡ଼ିଏ ଜଣ ଶିକ୍ଷକ, ହାଇସ୍କୁଲ ଉପର ଶ୍ରେଣୀର ପିଲା ଓ ଗାଁର ବୟସ୍କ ଲୋକମାନେ । ହରି ବାବୁଙ୍କର ବୁଝାଇବା ଢଙ୍ଗଟା ବି ବଦଳିଲା—

"ନାଁ ଦେବା କାମଟା ଘରଆଡ଼କୁ କେମିତି ବ୍ୟାପିଯାଉଥାଏ ତାହାର ଆଉ ଟିକିଏ ସୂଚନା ଦେଲା ପୂର୍ବରୁ ମୁଁ ତୁମମାନଙ୍କ ମନକୁ ଗୋଟାଏ ଦିଗକୁ ନେଇଯିବାକୁ ଚାହୁଁଛି । ଯେତେବେଳେ ପ୍ରକୃତ ସଭ୍ୟତାର ଯୁଗ ଆରମ୍ଭ ହୋଇ ଯାଇଥିବ, ସେତେବେଳେ ଆଉ ଜୀବଜନ୍ତୁ ଗଛଲତା ବା ଭିନ୍ନ ଭିନ୍ନ ହତିଆରର ନାମ ଦେବାଟା ସେତେ କଷ୍ଟ କଷ୍ଟର କଥା ହୋଇ ରହିନଥିବ । ମୁଣ୍ଡ ଖେଳାଇବାକୁ ପଡ଼ିଥିବ ଯେତେବେଳେ ଚିନ୍ତା ଭାବନା ଓ ମନୁଷ୍ୟର ଗୁଣର ପ୍ରଶ୍ନ ଆସି ସାମନାରେ ରହିଯାଇଥିବ । ଯେଉଁମାନେ ସେହିଭଳି ସମସ୍ୟାର ସମାଧାନ କରୁଥିବେ ସେମାନଙ୍କୁ କୁହାଯାଇଥିବ ଜ୍ଞାନୀ ବା ପଣ୍ଡିତ । ମୁନି-ଋଷିମାନେ ଥିଲେ ପ୍ରକୃତ ଅର୍ଥରେ ଜ୍ଞାନୀ । ଜଣେ ରୋଗରେ ପଡ଼ିଛି—କଷ୍ଟ ପାଉଛି । ଆଉ ଜଣେ ତେଇ ବାଟେ ଚାଲିଯାଉଛି । ତା' କାମରେ ସେ ବ୍ୟସ୍ତ । କିନ୍ତୁ ତା ପଛରେ ଯେଉଁ ଲୋକଟି ଆସିଲା ସେ ଟିକିଏ ଠିଆହେଲା । ନିଜର ଜରୁରି କାମ କଥା ସେ ଭୁଲିଗଲାଣି । ରୋଗୀ ପାଖରେ ବସି ଟିକିଏ ଆଉଁସା-ଘଷା କଲା । ତା' ବିଛଣାକୁ ଟିକିଏ ଝାଡ଼ିଦେଲା । ଏହି ଯେଉଁ କାମ କଲା ତାକୁ ତ ପୁଣି ଗୋଟାଏ କିଛି ନାଁ ଦେବାକୁ ପଡ଼ିବ । ସାଧାରଣ ବୁଦ୍ଧିର ଲୋକ ସେ ନାଁ

Digitized by srujanika@gmail.com

ଦେଇପାରନ୍ତି ନାହିଁ । ଜଣେ କେହି ଜ୍ଞାନୀ ଗୋଟିଏ ଚମତ୍କାର ଶବ୍ଦ କହିଥିଲେ— 'ସେବା' । ଯେଉଁଥିରେ ନିଜର କୌଣସି ସ୍ୱାର୍ଥ ନାହିଁ, ଅନ୍ୟର କେବଳ ଉପକାର

ହେଉଛି, ସେମିତି ନିଜର-ଥିଲେ ତାହାର କଷ୍ଟ ବଢ଼ି-ଥାଆନ୍ତା, ସେଭଳି କାମ ଯିଏ କଲା ସେ 'ସେବା' କଲା ବୋଲି ଆଜିପର୍ଯ୍ୟନ୍ତ କୁହାଯାଇ ଆସୁଛି । ସେବା କଲା ଲୋକକୁ 'ସେବକ' ବୋଲି ମଧ୍ୟ କୁହାଯାଏ ।

ସମାଜରେ ଯେତେ ଲୋକ ଅଛନ୍ତି ସମସ୍ତେ ମନୁଷ୍ୟ ଜନ୍ମ ପାଇଛନ୍ତି । କିଏ ହୁଏତ ଘଟଣାଚକ୍ରରେ ଅଧିକ ପାଠୁଆ, ଧନୀ ବା କ୍ଷମତାଶାଳୀ ହୋଇ-ଯାଇଛି । ଯେଉଁମାନେ ଏଭଳି ହୋଇଛନ୍ତି ସେମାନେ ଅନ୍ୟମାନଙ୍କ ତୁଳନାରେ ଅଧିକ ସୁବିଧା ଭୋଗ କରିବେ ବୋଲି ଆଶା କରିବା ଠିକ୍ ନୁହେଁ । କିନ୍ତୁ ଥରେ ଥରେ ଦେଖାଯାଏ ଯେ ଜଣେ ଜଣେ ସେହିଭଳି ଆଶା କରୁଛନ୍ତି; ସେହି ଆଶା ପୂରଣ ନହେଲେ ଉତ୍ତେଜିତ ହୋଇଯାଉଛନ୍ତି, ଅନ୍ୟମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଯାହା ଉପରେ ଅତ୍ୟାଚାର ହେଲା ସେ ତାହାର ପ୍ରତିକାର ପାଇଁ ଅଦାଲତକୁ ଯିବ । ଅଦାଲତରେ ତାକୁ ମିଳିବ କ'ଣ ? ତାର ପ୍ରାପ୍ୟ ହେଉଛି 'ନ୍ୟାୟ' । ଏହି ଶବ୍ଦଟି ଯିଏ ସୃଷ୍ଟି କଲେ ସେ କେତେ ନ ଭାବିଥିବେ ? ତାଙ୍କ ମନ ଭିତରେ ନିଶ୍ଚୟ ପ୍ରଶ୍ନ ଉଠିଥିବ ଯେ ବିଚାରପତିଙ୍କ ହାତରେ ଗୋଟାଏ ନିକିତି ରହିଛି । ଯେଉଁଥିରେ ସେ ଠିକ୍ ତଉଲି ଦେଇ ଦେଖନ୍ତି ପ୍ରକୃତରେ ଦୋଷ କାହାର । ଦୋଷୀକୁ ଦଣ୍ଡ ଦେବା ପାଇଁ ତାଙ୍କ ହାତରେ ରହିଛି ତରବାରି । କେଉଁଠାରେ ଗୋଟିଏ ହାତରେ ତରବାରି ଓ ଅନ୍ୟ ହାତରେ ନିକିତି

Digitized by srujanika@gmail.com

ସେଇଠାରେ ହିଁ ଲୋକ ନ୍ୟାୟ ପାଏ । ସମାଜର କେତେଗୁଡ଼ିଏ କଥାକୁ ବୁଝାଇବା ପାଇଁ ଏହି ଗୋଟିକ ନାମ ସୃଷ୍ଟି କରାଯାଇଛି ଠିକଏ ଅନୁମାନ କର ! ସିଏ ତ ଦୂରର କଥା । ସେଦିନ ଗୋଟିଏ ଚିତ୍ର-ପ୍ରଦର୍ଶନୀକୁ ଯାଇଥିଲି । ବିଦେଶର ଜଣେ ଚିତ୍ରଶିଳ୍ପୀଙ୍କର ଦୁଇଟି ଚିତ୍ର ଦେଖିଲି । ମାଆ ତା ଛୁଆକୁ ହାତରେ ଟେକିଧରି ଗେଲ କରୁଛି । ତଳେ ଲେଖାଯାଇଛି 'ମମତା' । କହିଲ ଦେଖି ଏହି ନାମ ଭିତରେ ମାଆ ମନର କେତେ କଥା ରହି ନ ଯାଇଛି ? ବହୁ ସମୟ ଧରି ସେ ବିଷୟରେ କହିଥିଲେ ଯେତିକି କଥା ବୁଝାଇ ନଥାନ୍ତା, ଏହି ଗୋଟିଏ ଶବ୍ଦରୁ ତାହାଠାରୁ ଅଧିକ ଜଣାପଡ଼ିଯାଉଛି । ଅନ୍ୟଟି ହେଉଛି ଆଉ ଗୋଟିଏ ମାଆର । ସେ ତା କଅଁଳା ଛୁଆଟିକୁ କ୍ଷୀର ଖୁଆଉଛି । ତା' ଆଡ଼କୁ ଯେମିତି ଭାବରେ ଚାହିଁଛି ବୋଲି ଚିତ୍ରଶିଳ୍ପୀ ମୁହଁଟି ଆଙ୍କିଛନ୍ତି, ତାକୁ ଦେଖି ମୁଁ

Digitized by srujanika@gmail.com

[ସନ୍ତୋଷ]



[ଦେବତାଙ୍କର
ଶିଶୁକୁ ଆଦର]

Digitized by srujanika@gmail.com

ତାଙ୍କର ଭାଗ୍ୟ ତାରିଫ କଲି । ତା ତଳେ ଲେଖାଯାଇଛି 'ସନ୍ତୋଷ' । ମୁଁ ମନେ ମନେ ବିଚାରିଲି ଏହି ଗୋଟିକ ଶବ୍ଦ କେତେଗୁଡ଼ାଏ କଳ୍ପନାକୁ ବୁଝାଇ ଦେଉଛି ! ଏହାକୁ ବହୁକ୍ଷେତ୍ରରେ ବ୍ୟବହାର କରାଯାଇପାରେ । ଧନ୍ୟ କହିବି ତାଙ୍କୁ—ଯିଏ କି ମଣିଷ ମନର ଏତେ ଭାବନାକୁ ଗୋଟିଏ ନାମ ଦେଇ ବୁଝାଇ ଦେଲେ । ଆଉ ଟିକିଏ ଆଗକୁ ଯାଉ ଯାଉ ଦେଖିଲି ଗୋଟିଏ ଶିଶୁର ଛବି । ତା'କୁ ଜଣେ କେହି ଗେଲ କରୁଛନ୍ତି । ତଳେ ଲେଖାଯାଇଛି 'ଦେବତାଙ୍କର ଶିଶୁକୁ ଆଦର' । ସମସ୍ତେ ଟିକିଏ ବିଚାର । ଏହିସବୁ ଚିନ୍ତା ଭାବନା ସଦ୍‌ଗୁଣକୁ ନାମ ଦେବାବେଳେ ଜଣେ ଜଣେ ଜ୍ଞାନୀ ଲୋକଙ୍କୁ ମଧ୍ୟ କେତେ ମୁଣ୍ଡ ଖେଳାଇବାକୁ ପଡ଼ିଥିବ । ଧୈର୍ଯ୍ୟ, ସହାନୁଭୂତି, ସହନଶୀଳତା, ସମ୍ମାନ, ମର୍ଯ୍ୟାଦା ପ୍ରଭୃତି ଭିତରେ କ'ଣ ସବୁ ପୂରିରହିଛି ତୁମେମାନେ ସମସ୍ତେ ଊଣା ଅଧିକେ ଅନୁମାନ କରିପାରୁଥିବ । ('ମମତା' ଚିତ୍ରଟି ଆରମ୍ଭ ପୃଷ୍ଠାରେ ଅଛି) ।

ରତ୍ନାକର ବାବୁଙ୍କ ମନକୁ ଆଲୋଚନାର ଏହି ବିଷୟଟା ଖୁବ୍ ପାଇଲା । ସେ ମନର ଭାବଟାକୁ ପ୍ରକାଶ କରି କହିଲେ, "ଗୋଟାଏ ଯୁଗରେ ଏହି ସବୁ ଚମତ୍କାର ଶବ୍ଦ ସୃଷ୍ଟି କରାଯାଇଥିଲା । ଏବେ କଣ ଆଉ ହୋଇପାରୁଛି ?" ହରି ବାବୁ ତାଙ୍କ କଥାକୁ ଅଧାଅଧି ସମର୍ଥନ କରିବା ସଙ୍ଗେ ସଙ୍ଗେ କହିଲେ— "ତୁମେମାନେ ତ ଏତେ ପଢାଶୁଣା ଲୋକ । ବେଶୀ କିଛି ବୁଝାଇବା ଦରକାର ନାହିଁ । ତେବେ ଏତିକି କହିରଖେ ଯେ କୌଣସି ଗୋଟାଏ ଯୁଗରେ ବା ଶହେ ଦୁଇଶହ ପାଞ୍ଚଶହ ବର୍ଷ ଭିତରେ ଏଗୁଡ଼ିକ ସୃଷ୍ଟି ହୋଇ ଯାଇ ନଥିଲା । ମନୁଷ୍ୟର ଚିନ୍ତା ଗୋଟିଏ ଗୋଟିଏ ପାହାଚ ଉପରକୁ ଉଠିବା ସଙ୍ଗେ ସଙ୍ଗେ ଏହି ସବୁ ଶବ୍ଦ ଜନ୍ମ ନେଇଥା'ନ୍ତି । ମୁଁ ଅବଶ୍ୟ ଠିକ୍ କରି ଜାଣିନାହିଁ କେତେ ଦୂରକୁ ଠିକ୍, ସେଦିନ ଜଣେ ପଣ୍ଡିତ କହୁଥିଲେ 'ଦୟା' ଶବ୍ଦ ସୃଷ୍ଟି ହେବାର ବହୁକାଳ ପରେ ଯାଇ 'କରୁଣା' କଥାଟି କୁହାହେଲା । ତାଙ୍କର କହିବାର କଥା ସେ ଅନ୍ୟର ଦୁଃଖ ଦେଖିଲେ ଶହକେ ନବେ ପଞ୍ଚାନବେ ଲୋକଙ୍କର ଦୟା ହୁଏ । ସେଇଟା ହେବାଟା ସ୍ୱଭାବିକ । ସେ ଲୋକର ଦୁଃଖକୁ ଟିକିଏ ଲାଘବ କରିବା ପାଇଁ ଜଣେ ଯେତେବେଳେ କିଛି କରିବାକୁ ବାହାରେ ସେତେବେଳେ ଯାଇ ବୁଝାପଡ଼ିବ ଯେ ତା ଭିତରେ କରୁଣାର ଭାବ ଜନ୍ମିଲା । ଦୟାଠାରୁ କରୁଣା ଯେ ଅଧିକ ସୁନ୍ଦର, ମହତ, ଏ କଥା ବୁଝିବା ପାଇଁ ବହୁ କାଳ ଲାଗିଯାଇଥିବ ।

Digitized by srujanika@gmail.com

ଟିକିଏ ହାଲୁକା ହୋଇଯାଉ

ହରି ବାବୁ ଲକ୍ଷ୍ୟ କଲେଣି ଯେ ଆଲୋଚନାଟା ଟିକିଏ ଗମ୍ଭୀର ହୋଇ-ଯାଉଛି । ଖାଇବାକୁ ଯିବା ପୂର୍ବରୁ ହାଲୁକା ମନ ରହିଲେ ସୁବିଧା ହୁଏ । ପିଲାମାନଙ୍କ ଖିଆପିଆ କାମ ତ ଅଧାଅଧି ସରିଯିବଣି । ଆଉ ଅଳ୍ପ ସମୟ ପରେ ଡାକରା ଆସିଯିବ । ସେ ଆଲୋଚନାର ଗତିଟାକୁ ଟିକିଏ ବଦଳାଇ ଦେଇ କହିଲେ—ଏ ଗାଁ ପିଲାମାନେ ଯେତେବେଳେ ମୋତେ ଯାଇ ଡାକଲେ ମୁଁ ମନେ ମନେ ସ୍ଥିର କରି ନେଇଥିଲି ଯେ ଆଜି ବିଶେଷ୍ୟ ପଦ ବିଷୟରେ କିଛି କହିବି । ମୁଁ ଭଲ କରି ବୁଝିଛି, ପିଲାମାନେ ଯଦି ବିଶେଷ୍ୟ ପଦଟା କ'ଣ ତାହା ଭଲ ଭାବରେ ବୁଝିଯିବେ ଭାଷା ଉପରେ ସେମାନଙ୍କର ଦଖଲ ଅନେକ ଦୂରକୁ ଆସିଯିବ । ଯୋଗ ଏମିତି ଯେ ସୁର ବାବୁଙ୍କ ନାତିର ନାଁ ଦେବା କଥା ଠିକ୍ ଆଜି ଉଠିଲା ।

ଆଜି ବୈଠକରେ ତ ଏତେ ସଂଖ୍ୟକ ଶିକ୍ଷକ ଅଛନ୍ତି । ସମସ୍ତଙ୍କର ବିଚାର ପାଇଁ ମୁଁ ପୁଣି ଥରେ ଜୋର ଦେଇ କହୁଛି—ଆମେ ସମସ୍ତେ ଭାଷାର ଗୋଟିଏ ମୂଳ କଥା ଭଲଭାବରେ ବୁଝିଯିବା ଉଚିତ । କେଉଁ ଭାଷାରେ କେତେ ସଂଖ୍ୟାରେ ନାମ ବା ବିଶେଷ୍ୟ ପଦ ରହିଛି ତାହାରି ଉପରେ ନିର୍ଭର କରୁଛି ସେ ଭାଷା କେତେ ଉନ୍ନତ । ଭାରତବର୍ଷ ଯେତେବେଳେ ପରାଧୀନ ଥିଲା ଇଉରୋପରେ ବିଜ୍ଞାନ ଦ୍ରୁତଗତିରେ ଆଗେଇଗଲା । କଲକାରଖାନା ସବୁ ବସିଗଲା । ଗୋଟିଏ ଗୋଟିଏ ଶିଳ୍ପ ଭାଷା ଭିତରକୁ କେତେ ନୂଆ ଶବ୍ଦ ନେଇଆସିଲା ଟିକିଏ ଭାବି ଦେଖିଲ । ଶିଳ୍ପ ତ ଦୂରର କଥା, ଖଣ୍ଡେ ସାଇକେଲ ଆମ ଭାଷା ଭିତରକୁ କେତେ ନୂଆ ଶବ୍ଦ ନେଇଆସିଲାଣି ହିସାବ କଲ । ତାହାର ପ୍ରତ୍ୟେକ ପାର୍ଟ୍ର ଗୋଟିଏ ଗୋଟିଏ ନାମ ଅଛି । ଆମ ଭାଷାରେ ତାହାର କୌଣସି ନାଁ ନାହିଁ । ତେଣୁ ସେଗୁଡିକୁ ଆମେ ଠିକ୍ ସେମିତି ରଖିଛେ ଓ ଯିଏ ସାଇକେଲ ଚଢ଼ୁଛି ସିଏ ବୁଝିଯାଉଛି ଟାୟାର, ଟିଉବ୍, କ୍ରାଙ୍କ, ଭଲଟିଉ, ସ୍ପୋକ, ସିଟ୍ ପ୍ରଭୃତି କେଉଁ କେଉଁ ପାର୍ଟ୍ର ନାମ ଜଣେ ଅପାଠୁଆ ଲୋକକୁ ପଚାରିଲେ ମଧ୍ୟ ସେ କହିଦେଉଛି ଯେ ଗୋଟିଏ ହେଲିକୋପ୍ଟର ଆସିଥିଲା, ଟ୍ରକ୍ଟାକୁ କେଡ଼େ ମଜାରେ ଉଠାଇ ନେଇଗଲା । ଆମ ଦେଶରେ ଏହି ଦୁଇଟିଯାକ ନଥିଲା । ତେଣୁ ଆମ ଭାଷା ତାକୁ ନାମ ଦେଇପାରିଲା ନାହିଁ । ସେମିତି ଆମର ମଧ୍ୟ କେତେଗୁଡ଼ିଏ ନାକୁ ଇଂରାଜୀ ଭାଷା ଆଦରିଯାଇଛି । ଆଶ୍ଚର୍ଯ୍ୟ; ଅହିଂସା, ଭକ୍ତି, ପୁଣ୍ୟ ବୋଲି ଯେଉଁ ସବୁ ନାମ ଆମ ଭାଷାରେ ଅଛି, ତାକୁ ସେମାନେ ଅନ୍ୟ

Digitized by srujanika@gmail.com

କୌଣସି ନାମ ଦେଇ ନପାରି ଠିକ୍ ସେମିତି ଗ୍ରହଣ କରିନେଲେ । ଏମିତି ହଉଆନଆ ଚାଲିଛି ।



ଏକା ଜିନିଷର ଭିନ୍ନ ଭିନ୍ନ ନାଁ [୨]

ମଣିଷ ବ୍ୟାକରଣ ପାଠ ପଢ଼ିଲା, କାବ୍ୟ-କବିତା ଲେଖିଲା, ଗୋଟାଏ କଥାକୁ ଭିନ୍ନ ଭିନ୍ନ ଭାବରେ ବୁଝାଇବାର କଳା ଶିଖିଲା, କେତେବେଳେ ଗୋଟିଏ ଜିନିଷକୁ ସେ ଭିନ୍ନ ଭିନ୍ନ ନାଁ ଦେଲା । ଆମେ ଯାହାକୁ ନାଁ କହୁଛୁ ତାହାର ଦେଢ଼ଶହ ଦୁଇଶହ ଭିନ୍ନ ଭିନ୍ନ ନାମ ଆମର ସଂସ୍କୃତ, ଓଡ଼ିଆ ପ୍ରଭୃତି ଭାଷାରେ ରହିଛି । ଜଣେ କହିଲେ ସିଏ ଅଭାବରର ଶତ୍ରୁ । ତେଣୁ ତାହା ନାମ ରହିବ 'ଅଭାବ ଶତ୍ରୁ' । ଆଉ ଜଣେ ପଣ୍ଡିତଙ୍କର ମତ ହେଲା

Digitized by srujanika@gmail.com

ଯେ ଅଗ୍ନି ପବନ କରିଦେଉଛି । ତେଣୁ ତାହାର ନାମ ରହୁ 'ପାବକ' । ଜଣେ କବି ଲକ୍ଷ୍ୟ କଲେ ଯେ ବାତ ବା ପବନ ପାଇଲେ ନିଆଁ ଅଧିକ ଜୋରରେ ନିଜର ତେଜ ପ୍ରକାଶ କରୁଛି । ତେଣୁ ତାଙ୍କ ପାଟିରୁ ବାହାରିପଡ଼ିଲା, ଇଏ ହେଉଛି ବାତ-ସାରଥୀ । ହୋମବେଳେ ଯେତେ ଘିଅ ଢାଳିବ ନିଆଁ ସେତେ ଜୋରରେ ଜଳେ । ସେଥିପାଇଁ ପୁରୋହିତ କହିଲେ ଏହାର ନାମ ରହିବ 'ହୁତାଶନ' । ଯେଉଁ ଯୁଗରେ ନିଆଁ ଲଗାଇବା ପାଇଁ ଦିଆସିଲି ଭଳି କିଛି ନଥିଲା ସେ ଯୁଗରେ ଦି'ଖଣ୍ଡ ଶମି କାଠ ଘଷି ନିଆଁ ବାହାର କରି ଦିଆଯାଉଥିଲା । ସେହି ଅଗ୍ନି ଶମି ଗର୍ଭରେ ଲୁଚିରହିଥିଲା ବୋଲି ତାର ନାମ ହେଲା 'ଶମି-ଗର୍ଭ' ।"

ବଡ଼ମାନଙ୍କୁ ଏ କଥାଟା ଖୁବ୍ ଭଲ ଲାଗୁଥିଲେ ମଧ୍ୟ ପିଲାମାନେ ସେତେ ରସ ପାଉନାହାନ୍ତି ବୋଲି ଲକ୍ଷ୍ୟ କରି ହରିବାବୁ ସେମାନଙ୍କ ଆଡ଼କୁ ଚାହିଁ କହିଲେ



—"ନିଆଁ କଥା ଥାଉ । ଏ ଆଳୁକଥା ଦେଖିବା ! ଇଏ ଯେତେବେଳେ ଆମ ଦେଶକୁ ଆଇଲା ତାକୁ କ'ଣ ନାଁ ଦିଆଯିବ ବୋଲି ବିଚାର ପଡ଼ିଲା । ଲୋକେ ଦେଖିଲେ ଯେ ତାହା ଗଛର ମୂଳରେ ଫଳେ । ଆମର ତ ଆଳୁ ଥିଲା । ତେଣୁ ତାକୁ ଗୋଲଆଳୁ ନାମ ଦିଆଗଲା । କେହି କେହି କହିଲେ—ନାହିଁ, ସିଏ ବିଦେଶରୁ ଆସିଛି; ତେଣୁ ତାହା ବିଲାତିଆଳୁ । ସମସ୍ତେ ତ ତାକୁ ଜାଣିପାରୁ ନଥିଲେ । ଅଳ୍ପ ଲୋକ ଖାଉଥିଲେ । ଯେତେ-ବେଳେ ଉଣା-ଅଧିକେ ସମସ୍ତଙ୍କ ପାଖରେ ଯାଇ ପହଞ୍ଚିଗଲା ତାହା ଦେହରୁ ଗୋଲ ବା ବିଲାତିକୁ କାଟି କେବଳ ଆଳୁ ରଖିଦିଆଗଲା । ସିଏ ଯାହା ଆଳୁ ହେଲା ଆମର ଯେଉଁ ବଡ଼ ବଡ଼ ଲମ୍ବ ଆଳୁ ଥିଲା ତାହା ନାଁ କ'ଣ ହେବ ? ତାକୁ କୁହାଗଲା ଦେଶୀଆଳୁ ।

Digitized by srujanika@gmail.com

ବାହାରଦେଶରୁ ଆସି ଆମ ଭିତରେ ପଶି ଆମ ମନ-ରାଇଜରେ ଆସ୍ଥାନ ମାଡ଼ି ବସିଗଲା ଓ ଆମର ଯେଉଁ ଆଳୁ ଏତେ କାଳଧରି ଏ ଦେଶରେ ନାଁ କରିଥିଲା ସିଏ ବିଚରା ଦେଶୀଆଳୁ ବୋଲି ନାମ ପାଇ ଚୁପ୍‌ହୋଇ ରହିଲା । ପ୍ରଥମେ ଯେତେବେଳେ ଆଳୁ ଆସିଥିଲା ସେତେବେଳେ ତାକୁ ବିଲାତର ସାହେବମାନେ କହୁଥିଲେ ପଟାଟୋ । ବିଲାତି ବାଇଗଣକୁ କହୁଥିଲେ ଟମାଟୋ । ଆମେ କ୍ରମେ ବିଲାତି ବାଇଗଣ ଓ ପାତାଳଘଣ୍ଟା ନାଁ ଛାଡ଼ି ଟମାଟୋ ବି କହିଲୁଣି । କିନ୍ତୁ ପଟାଟୋକୁ ଆଦରିଗଲୁ ନାହିଁ ।

ସିଏ କାହିଁକି ପଟାଟୋ କୁହନ୍ତି ?

ମୀର ପଚ୍ଚରିଦେଲା, "ସାହେବ କାହିଁକି ପଟାଟୋ ବୋଲି କୁହନ୍ତି ?" କଥାଟା ଜମିଆସିଲାବେଳକୁ ମଝିରେ ଗୋଟାଏ ପ୍ରଶ୍ନ ଦେଇ ମୀର ଅଗମୋଡ଼ା କାମ କରୁଛି ବୋଲି କିଏ ଜଣେ କହିଦେବାରୁ ହରି ବାବୁ ଓଲଟି ତାକୁ ପାଖକୁ ଡାକିଆଣିଲେ । ମୀର ଯଦି ଏ କଥା ନ ପଚାରିଥାନ୍ତା ଗୋଟାଏ ବଡ଼ କଥା ଛାଡ଼ିଗଲା ଭଳି ହୋଇଯାଇଥାନ୍ତା । ଦୁନିଆରେ ଯେତେ ମଣିଷ ସମସ୍ତେ ଯଦି ଗୋଟିଏ ଜାଗାରେ ଜନ୍ମ ହୋଇଥାନ୍ତେ ଓ ଏକାଠି ବସି ନାଁ ଦେଇଥାନ୍ତେ ତେବେ ତ କେତେ ସୁବିଧା ହୋଇଥାଆନ୍ତା; କିନ୍ତୁ ତା' ତ ହୋଇନାହିଁ । ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳରେ ଲୋକେ ଜନ୍ମ ନେଲେ । ସେ ଯୁଗରେ ଯିବା-ଆସିବାର ସୁବିଧା ନଥିଲା—ରେଡ଼ିଓ ଭଳି କଥା ତ ଛାଡ଼ । ଗୋଟାଏ ପର୍ବତ ସେପାଖରେ ଯେଉଁ ଲୋକ ଅଛନ୍ତି ସେମାନେ ଏପାଖ ଲୋକଙ୍କ କଥା କିଛି ଜାଣନ୍ତି ନାହିଁ । କିନ୍ତୁ ସମସ୍ତେ ତ ପାଣି ଦେଖୁଛନ୍ତି । ତାକୁ ନାଁ ଦେବା ଦରକାର ପଡ଼ୁଛି । ତେଣୁ କିଏ କହିଲାଣି ପାଣି ତ ଆଉ କିଏ କହିଲାଣି ଜଳ୍ । ଅନ୍ୟ ଜଣେ କହିଲା, ନାହିଁ ଇଏ ନୀର । ଆଉ ଟିକିଏ ଦୂରକୁ ଗଲାବେଳକୁ ସେ ନାମ ପାଇଛି ଆକୁଆ । ପୁଣି ପଶ୍ଚିମକୁ ଗଲାବେଳକୁ ସେଇ ହେଲାଣି ଓ୍ୱାଟର । ଦୁନିଆଯାକ ଖୋଜି-ଆସିଲେ ଆମେ ଦେଖିବା ପାଣିର ଦୁଇ କି ତିନିହଜାର ନାଁ । ଗୋଟିଏ ଗୋଟିଏ ଅଞ୍ଚଳରେ ଲୋକେ ବସି ଯେଉଁସବୁ ନାମ ଦେଲେ ସେଗୁଡ଼ିକୁ ଏକାଠି କରି ସେମାନେ କହିଲେ ଏହି ହେଲା ଆମର ଭାଷା । ଏମିତି ହୋଇଛି ଯେ ମୋଟ ସବୁ ଭାଷା ଭିତରେ କେଉଁ କ୍ଷେତ୍ରରେ ଟିକିଏ ଟିକିଏ ମେଳ ଅଛି ତ କେଉଁ କ୍ଷେତ୍ରରେ କିଛି ମେଳ ନାହିଁ । ଦକ୍ଷିଣରୁ ଆସି ଜଣେ ଓଡ଼ିଶାର ଗାଁ ଭିତରେ ଯଦି ତାମିଲ ଭାଷାରେ କଥା କହିବ କେହି ବୁଝିବେ ନାହିଁ ।

Digitized by srujanika@gmail.com

ଗୋଟିଏ କଥାରେ ମେଳ ଅଛି

ଯେତେ ଯାହା ହେଉ ସମସ୍ତେ ଗୋଟିଏ କଥା ମାନିଯାଇଛନ୍ତି । ପ୍ରତ୍ୟେକ ଚିଜ ଜୀବ ଗଛ କାର୍ଯ୍ୟ ଗୁଡ଼ିକର ନିଶ୍ଚୟ ଗୋଟିଏ ଗୋଟିଏ ଭିନ୍ନ ଭିନ୍ନ ନାମ ରହିବ । ପ୍ରତ୍ୟେକ ଲୋକ ପାଇଁ ମଧ୍ୟ ନାଁଟିଏ ରହିବ । ତା' ନହେଲେ କାହା କଥା ଜଣେ କହୁଛି ବୋଲି ଅନ୍ୟ ଜଣେ କେମିତି ଜାଣିବ ? ମଣିଷ ପଶୁ ନେଇ ଗୋଟିଏ ନାଁ ହେଲେ ମଧ୍ୟ ପୂରା କାମ ଚଳୁନାହିଁ । ସେଗୁଡ଼ିକ ଗୋଟିଏ ଗୋଟିଏ ଗୋଷ୍ଠୀ, ଦଳ ବା ମେଳର ନାମ । ମଣିଷଙ୍କ ଭିତରେ ଯେତେ ଲୋକ ଅଛନ୍ତି ସମସ୍ତଙ୍କୁ ଗୋଟିଏ ଗୋଟିଏ ଅଲଗା ନାଁ ଦିଆଯିବ । ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ମଣିଷର କେତେ ଜାତିର ନାଁ ଅଛି ସେକଥା କହିଲେ ତ ତିନି ରାତି ଲାଗିଯିବ । ଆମ ଓଡ଼ିଶାରେ ପ୍ରକାରେ ଗୁଜୁରାଟରେ ଆଉ ପ୍ରକାରେ । ମହାତ୍ମା ଗାନ୍ଧୀଙ୍କ ପୂରା ନାମ ହେଉଛି ମୋହନଦାସ କରମଚାନ୍ଦ ଗାନ୍ଧୀ । ଏଥିରୁ ଆମେ ଜାଣିପକାଉଛୁ ଯେ ତାଙ୍କ ବାପାଙ୍କ ନାମ ଥିଲା କରମଚାନ୍ଦ । କାରଣ ସେ ଅଞ୍ଚଳରେ ବାପ ନାଁ ପୁଅ ନାଁ ଏକାଠି ରଖିଦେଇଛନ୍ତି ତା'ହେଲେ କାହା ପୁଅ ବୋଲି ଜାଣିବାରେ ଅସୁବିଧା ହେବ ନାହିଁ । କେରଳ ରାଜ୍ୟକୁ ଗଲେ ଦେଖିବ ଜଣକ ନାଁ ଓ୍ୱାଡାକୋରା ଜୋସେଫ ଆଉସେପ୍ଚନ୍ । ପଚାରିଲେ ଶୁଣିବ ତା ନାଁ ହେଉଛି ଆଉସେପ୍ଚନ୍, ବାପାଙ୍କ ନାମ ଜୋସେଫ ଓ ତାଙ୍କ ଘର ନାଁ ଓ୍ୱାଡାକେକାର । ବାପ, ଘର ଓ ନିଜ ନାଁକୁ ସେମାନେ ଏକାଠି ଯୋଡ଼ି ଦେଇଛନ୍ତି । ଲୋକେ ଅତି ଯତ୍ନରେ ଅତି ଶ୍ରଦ୍ଧାରେ ପିଲାଙ୍କ ନାଁ ଦିଅନ୍ତି । କିନ୍ତୁ ବେଳେବେଳେ ସେ ପିଲା ବଡ଼ ହୋଇଗଲେ ସେ ନାଁ ତାକୁ ଭଲ ଲାଗେ ନାହିଁ । ସିଏ ମନ ଖରାପ କରେ । କିନ୍ତୁ କଅଣ ହେବ, ସମସ୍ତେ ତ ତାକୁ ସେଇଆ ଡାକିଆସିଛନ୍ତି ।

ନୂଆ ପୁଅ ନାଁ କଅଣ ହେବ ?

ନରେନ୍ଦ୍ର ବାବୁଙ୍କ ମନ ଯାଇ ସେଇ ଗୋଟିଏ କଥାରେ—ନୂଆ ପୁଅ ନାଁ କଅଣ ଦିଆଯିବ । ହରି ବାବୁ ତାଙ୍କୁ ବୋଧ ଦେଇ କହିଲେ, ମୁଁ କଣ ସେକଥା ଭୁଲିଛି କି ? ଏମିତି ଗୋଟିଏ ନାଁ ଦେଇଦେବ ଯେ ଏ ଅଞ୍ଚଳରେ କାହାର ନଥିବ କି ଏଠି ଯେତେ ଜଣ ବସିଛ କେହି ଶୁଣି ନଥିବ । ହଜାରେ ବର୍ଷ ତଳେ ଗୋଟିଏ ପିଲା ଜନ୍ମ ହୋଇଥିଲା । ସେ ପିଲାଟି ଦିନେ କଉଳି ମହତ କାମ କଲା ସେ ବର୍ଷପୂରେ ଯଦି ପରୁଚିବ ହିମାଳୟ ଦେବତ ହିଁ କହିଥାନ୍ତିବ । ଆମ ଦେଶର ପଣ୍ଡିତମାନଙ୍କ ପାଖରେ ସେ ପାଠଙ୍କର ବୋଲି ପରିଚିତ । ମଗଧ ଦେଶର

Digitized by srujanika@gmail.com

ତାଙ୍କର ମୂର୍ତ୍ତି ରହିଛି । ଏ ପୁଅ ନାଁ ଦିଆଯାଉ ପାପଙ୍କର । ସେ ଯେମିତି ଏ ଅଞ୍ଚଳକୁ ନେଇ ଦେଶବିଦେଶରେ ଚହଲାଇଦେବ ।"

ସବୁ ନାମଙ୍କର ନାଁ

ସୁର ବାବୁ ଯେମିତି ଠିଆହୋଇଥାନ୍ତି ବସୁଥାଆନ୍ତି ସେଥିରୁ ଜଣା-ପଡ଼ିଲାଣି ଯେ ତାଙ୍କର ଇଚ୍ଛା ବୈଠକ ଏଇଠି ଶେଷ ହେଉ । ସେ ଯାଇ ତେଣେ ଆୟୋଜନ କରନ୍ତୁ । ଆମର ଏଣେ କଥା ଚାଲୁଥାଉ ବୋଲି ଉମାଚରଣ ବାବୁ କହିଦେଲାରୁ ସୁର ବାବୁ ତରତର ହୋଇ ଚାଲିଗଲେ । ହରିବାବୁ ଶୁଣାଇଲେ— ଏତେ ଏତେ ନାଁ କଥା ତ ଆମେ ପକାଇ ଆଣିଲେ । ସବୁ ନାଁଙ୍କର ପୁଣି ତ ଗୋଟାଏ କିଛି ନାମ ଥିବ ।

ପିଲାଏ ହସି ଉଠିଲେ । ଏଇଟା କେମିତିକା ଅଡୁଆ କଥା । ଏଥିରେ ହସିବାର କ'ଣ ଅଛି କିରେ ବୋଲି କହି ସେ ବୁଝାଇଲେ—"ଯେତେବେଳେ ସଂଖ୍ୟାରେ ନାମ ଦିଆହୋଇଗଲା, ବହୁ ଲୋକେ ଭଲଭାବରେ କହି-ବୋଲି ଶିଖିଲେ ସେତେବେଳେ ପଣ୍ଡିତମାନେ ବସି କେତେଗୁଡ଼ାଏ ନିୟମ ବାନ୍ଧିଦେଲେ । ସେଗୁଡ଼ିକୁ କୁହନ୍ତି ଭାଷାର ନିୟମ । ଆମେ ଯେଉଁ ବ୍ୟାକରଣ କଥା କହୁଛୁ ସିଏ ଆଉ କିଛି କି ? ଗୋଟାଏ କଥା ଭିତରେ ବାକ୍ୟ ଭିତରେ ଯେତେ ଯେତେ ଶବ୍ଦ ଅଛି ତାକୁ 'ପଦ' ବୋଲି କୁହାଯାଏ । ଭିନ୍ନ ଭିନ୍ନ ପ୍ରକାର ପଦ ସ୍ୱତନ୍ତ୍ର ନାମ ପାଇଛନ୍ତି, ଯଥା—ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା । ଯେତିକି ନାମ ସେଗୁଡ଼ିକ ଗୋଟିଏ ଶ୍ରେଣୀର ପଦ ଓ ସେଗୁଡ଼ିକୁ କୁହାଯାଏ ବିଶେଷ୍ୟ । ଇଂରାଜୀ ଭାଷାରେ 'ନାଉନ' ବୋଲି ଯାହାକୁ କୁହନ୍ତି ତାହାର ତ ସିଧାସଳଖ ଅର୍ଥ ହେଉଛି 'ନାମ' । ଲାଟିନ ବୋଲି ଯେଉଁ ପୁରୁଣା ଭାଷା ଅଛି ସେଇଟି ହେଉଛି ଇଂରାଜୀର ମାଆ । ସେଥିରେ ନାମକୁ 'ନୋମେନ୍' ବୋଲି କୁହନ୍ତି । ସେଇ ନୋମେନ୍‌ରୁ ନାଉନ ଶବ୍ଦ ତିଆରି ହୋଇଯାଇଛି । ପଣ୍ଡିତମାନେ ବିଶେଷ୍ୟକୁ ମଧ୍ୟ ଚାରି ପାଞ୍ଚଟା ନାମ ଦେଇଛନ୍ତି । ରାମ, ଶ୍ୟାମ, ମଧୁ, ଗୋପାଳ ହେଲେ ନାମବାଚକ ବିଶେଷ୍ୟ, କାଠ, ଲୁହା, ତମ୍ବା ବସ୍ତୁବାଚକ, ଦଉଡ଼ିବା, ଖାଇବା, ହସିବା କ୍ରିୟାବାଚକ; ଦୟା, କ୍ଷମା ଗୁଣବାଚକ, ମନୁଷ୍ୟ, ପଶୁ ଗୋଷ୍ଠୀବାଚକ ବୋଲି କୁହାଯାଏ ।

କାନକୁ କଷ୍ଟ ହୁଏ

ଦେଖାଗଲା ଯେ ନାମଗୁଡ଼ାକୁ ବାରମ୍ବାର କହିଲେ କାନକୁ କଷ୍ଟ ହୁଏ । ଅଶୋକ ଆସୁଛି, ଅଶୋକର ବହି କିଏ ନେଲା, ଅଶୋକକୁ ବୁଝାଇ

Digitized by srujanika@gmail.com

ଦିଅ, ଅଶୋକ ଭଲ ପିଲା—ଏମିତି କହିଲେ କେତେ ଅଡ଼ୁଆ ଲାଗୁଛି ? ତେଣୁ ଗୋଟାଏ ବାଟ ବାହାର କରାଗଲା । ଅଶୋକ ଆସୁଛି, ତାହାର ବଦଳି କିଏ ନେଲା, ତାକୁ ବୁଝାଇ ଦିଅ, ସେ ଭଲ ପିଲା—ଏମିତି କହିଲେ କାନକୁ ଆଉ କାଟୁ ନାହିଁ । ସୁନ୍ଦର ବି ଶୁଣାଯାଉଛି । ନାମ ବା ବିଶେଷ୍ୟ ବଦଳରେ ଯେଉଁ ସବୁ ଶବ୍ଦ ବ୍ୟବହାର କରାଯାଏ ସେଗୁଡ଼ିକୁ ସର୍ବନାମ କହନ୍ତି । ମୁଁ, ଆମେ, ଆମ୍ଭେମାନେ, ତୁ, ତୁମେ, ଆପଣ, ତୁମ୍ଭେମାନେ, ଆପଣମାନେ, ସେ, ସେମାନେ, ମୋର, ତୋର, ସେମାନଙ୍କର, ସେହି, ଏହି ପ୍ରଭୃତି ହେଲା ସର୍ବନାମ । ଇଂରାଜୀରେ କୁହନ୍ତି ପ୍ରୋନାଉନ । ଲାଟିନ୍ ଭାଷାରେ ପ୍ରୋ’ ବୋଲି ଯେଉଁ ଶବ୍ଦ ଅଛି ତାହାର ନାମ ହେଲା ‘ସ୍ଥାନରେ’ । ନାଉନ୍ ବା ବିଶେଷ୍ୟ ସ୍ଥାନରେ ଯାହାର ବ୍ୟବହାର ତାକୁ କହିଲେ ପ୍ରୋନାଉନ୍ । ବିଶେଷ୍ୟ ଯେମିତି କେତେ ଜାତିର, ସର୍ବନାମ ମଧ୍ୟ ସେମିତି କେତେ ଜାତିର ଅଛି ।”

[ନଦ]

Digitized by srujanika@gmail.com

ବୁଦ୍ଧି ପରୀକ୍ଷା ହେଉ

ଆଉ ଅଳ୍ପ ସମୟ ପରେ ତ ବଇଠକ ଶେଷ ହେବ । ହରି ବାବୁ ଠିଆ ହେଲେଣି । ପିଲାଏ, ତୁମର ଟିକିଏ ବୁଦ୍ଧି ପରୀକ୍ଷା ହେବ—ନାଁ ଦେଇପାରୁଛ କି

[ବତାସ]

ନାହିଁ । କିଏ ବେଶୀ ନମ୍ବର ରଖୁଛ ଦେଖାଯିବ । ମୁଁ କେତୋଟି ଚିତ୍ର ଦେଖାଉଛି । ତୁମେ ସବୁ କହିବ । ପହିଲ ଚିତ୍ରଟି ଦେଖି ଜଣେ କହିଲା—ଚଢ଼େଇ, ଆଉ ଜଣେ କହିଲା ଡାଳ, କୈଳାସ କହିଲା ନଦ । ସେହି ପାଇଲା ବେଶି ନମ୍ବର । କାହିଁକି ନା ଏଇ ଯେଉଁ ଜାତିର ଚଢ଼େଇ ଦେଖୁଛ ତାହା ଡାଳରେ ଏମିତି ଶୋଇଯାଏ । ବାୟୁ ଖାଲି ମୁହଁ ଶୁଖାଇ କହିଲେ, ଆମେ କ'ଣ ଭୁଲ କହିଥିଲୁ । ହରି ବାବୁ ହସିଲେ, "ଆରେ ତୁମେ ଯାହା କହିଥିଲ ଠିକ୍ ଯେ, ଏଇଟା ସବୁଠାରୁ ଠିକ୍ ହେଲା ।" ଆଉ ଗୋଟିକ ଟେବଲକୁ ସମସ୍ତେ ଯାବତ ନ ହୋଇଗଲେ । କିଏ କହିଦେଲା ଗଛ । ପ୍ରଭା ରହି ରହି କହିଲା ନଡ଼ିଆ ଗଛ । ତୃଇନା ପାଟିରୁ ବାହାରି ପଡ଼ିଲା 'ବତାସ' । ହରି ବାବୁ—"କହିଲେ ଏହି ଜାଣି ଜିତିଲା ।"

[ମୁଖା]

Digitized by srujanika@gmail.com

ଆଉ ଗୋଟିକ ବେଳକୁ ସହଜରେ ପିଲାଙ୍କ ବୁଦ୍ଧି ପାଉ ନାହିଁ । ମଙ୍ଗୁ କହିଲା ଠାକୁର । ସବୁଠାରୁ ସାନ ଯିଏ ଝୁଲିଆ ସେ କହିଲା, ବାଇଆ । ଝୁଝୁ କଳୁ କହିଦେଲା ମୁଖା ।

ଅନ୍ୟ ଛବିକୁ ଦେଖି ଦେଖି ଗୀଣା କହିଲା ହାତ । କାଲୁ ତାହା କଥା ଉପରେ ମାଡିବସି ବାହୁ କହିଲା ବେଳକୁ ମିତା କହିଲାଣି ମୂଠା । ହରି ବାବୁ ଖାଲି ମୁଣ୍ଡ ଝାଙ୍କାର ନାହିଁ ନାହିଁ ବୋଲି ଜଣାଇ ଦେଉଥାନ୍ତି । ମାମୀ ପିଲାଟାଏ ହେଲେ କଣ ହେବ, କହିଦେଲା "ମାଂସପେଶୀ" । ହରି ବାବୁ ତାଳି ମାରିଦେଲେ ।



[ମାଂସପେଶୀ]



[ଉଆଲ୍‌ରସ୍ ଛୁଆ]

ଯେତେବେଳେ ଗୋଟାଏ ବିଚିତ୍ର ଜୀବର ଛବି ଦେଖାଇ ଦେଇ ପଚାରି ଦେଲେ, ସେତେବେଳେ ପିଲାଙ୍କ କଥା କିଏ ପଚାରେ, ବଡମାନେ ମଧ୍ୟ ଅଟକି ଗଲେଣି । "ଏହାର ବେଳକୁ ବୁଦ୍ଧି ପରୀକ୍ଷା ... ପିଲାଙ୍କର ... ଦେଇ

Digitized by srujanika@gmail.com

ପାରିବେ କହି ହସିପକାଇଲେ ।" ଦୁଇ ମିନିଟ୍ ପର୍ଯ୍ୟନ୍ତ କେହି କିଛି ହେଲେ କହୁନାହାନ୍ତି । ସେ ଶୁଣାଇଲେ—ଉତ୍ତର ଦିଗରେ ପୃଥିବୀ ଯେଉଁଠି ଶେଷ ହୋଇଛି ସେହି ଅଞ୍ଚଳରେ ଗୋଟିଏ ଜୀବ ଥାଏ । ତାକୁ ଦେଖିଲେ ମନେ ହେବ ସତେ କିଏ ଦନ୍ତାହାଣ୍ଡି ଭୂଇଁରୁ ଯାଇ ବରଫ ପାଣିରେ ପହଁରୁଛି କି ! ତା' ଓଜନ ପନ୍ଦର କୁଇଣ୍ଟାଲ' ଯାଏ ହେବ । ଦଶ ବାର ଫୁଟ ଲମ୍ବ । ଏଇଟି ହେଉଛି ତାହାର ଛୁଆ । ବଡ଼ ହେଲେ ଯାଇ ଦାନ୍ତ ଉଠିବ । କେହି ତା' ନାଁ କହି-ପାରିଲେ ନାହିଁ । ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏ ଦୁନିଆରେ ହଜାର ହଜାର ଜାତିର ଜୀବଜନ୍ତୁ ଅଛନ୍ତି । ସେମାନଙ୍କ ଭିତରୁ ସମସ୍ତଙ୍କ ନାଁ ମନେ ରଖିବା କ'ଣ ସମ୍ଭବ ? ସମସ୍ତଙ୍କୁ କିଏ ଚିହ୍ନି ହେବ ? ଗୋଟାଏ ଜୀବ ଅଛି ଯେ—ତା' ନାଁ ପରି ହେଉଛି "ମୁଁ ଜାଣେ ନାହିଁ" ।

ଛିଏ କି ଅଖାଡୁଆ ନାଁ ବୋଲି ଶୁଣି ସେ ବୁଝାଇଲେ—"ଅଷ୍ଟ୍ରେଲିଆ ଦେଶକୁ ଯେତେବେଳେ ଇଂରେଜମାନେ ଗଲେ ସେ ଦେଶର ଲୋକଙ୍କ ଭାଷା ଠିକଏ ହେଲେ ବୁଝି ପାରିଲେ ନାହିଁ । ଜଣେ ଇଂରେଜ ପ୍ରଥମ କରି ଗୋଟିଏ ଜୀବକୁ ଦେଖିଲେ । ପେଟ ଭିତରେ ଥଳୀଟାଏ ଭଳି କି ରହିଛି—ଛୁଆ ପଶିଛି ତା' ଭିତରେ । ସେ ଜୀବ ଡେଇଁଛି ବିଚିତ୍ର ଢଙ୍ଗରେ । 'ଏହାକୁ କଅଣ କହନ୍ତି' ପଚାରିଲେରୁ ସେ ଦେଶଲୋକ କିଛି ବୁଝି ନ ପାରି କହିଲା 'କଙ୍ଗାରୁ' । ଏହି ଶବ୍ଦର ଅର୍ଥ ହେଉଛି 'ମୁଁ ଜାଣେ ନାହିଁ' । ସାହେବ ଧରିନେଲେ ଯେ ଜୀବଟାର ନାମ ହେଉଛି କଙ୍ଗାରୁ ।

ଏତିକିବେଳେ ଡାକରା ଆସିଲା । ସମସ୍ତେ ଏକସଙ୍ଗରେ ବାହାରିଲେ । ଗୋପାଳ ବାବୁଙ୍କ ଖଲାରେ ପଙ୍କ ପଡ଼ିଥାଏ । ବସିବାକୁ ଫରକତ ସ୍ଥାନ । ପଡ଼ାର ପାଖରେ ବଡ଼ମାନେ ବସି ଦେଖିଲାବେଳକୁ ପିଲାମାନେ ଧାଡ଼ିବାନ୍ଧି ଠିଆ ହୋଇ ଭଲ ରହିଥାନ୍ତି । ଆହୁରି ଶୁଣିବାକୁ ମନ ।

ନାଚ କରିବ କି ?

ହରିବାବୁଙ୍କ ଆଗରେ ଖଣ୍ଡିଏ ବଡ଼ କଦଳୀପତ୍ର ପଡ଼ିଛି । ଗୋଟିକ ପରେ ଗୋଟିଏ ଆସି ଭଜା ତରକାରି ଡାଲି ଲଗିଯାଉଛି । ସାଦା ଭାତ, ନଡ଼ିଆ ଭାତ, ଖେଚୁଡ଼ି, ପଲଉ ଚାରିରକମର ଆସି ଲାଗିଗଲା । କେତେ ଲୋକଙ୍କୁ ମାଛ ତରକାରି ସାଙ୍ଗରେ ମିଠା ପଲଉ ଭଲ ଲାଗେ ନାହିଁ ବୋଲି ସାଦା ଭାତ ହୋଇଛି । ଯେଉଁମାନେ ମାଛ ଖାଆନ୍ତି ନାହିଁ ସେମାନଙ୍କ ପାଇଁ ନଡ଼ିଆ ଭାତ ଓ

Digitized by srujanika@gmail.com

ପଲ୍ଲଉ । ଯାହାଙ୍କୁ ଯେଉଁଟା ଭଲ ଲାଗିବ ପଛରେ ମାଗିବେ ବୋଲି ଅଳ୍ପ ଟିକିଏ ଟିକିଏ ଦିଆଯାଇଥାଏ । ତାକୁ ସବୁ ଦେଖି ସେ ଏଣେତେଣେ ସମସ୍ତଙ୍କ ମୁହଁକୁ ଖାଲି ଚାହୁଁଥାଆନ୍ତି । ଗୁଆଘିଅ ଆସି ଡାଲି ଓ ଭାତରେ ପଡ଼ସାରିଲା ପରେ ଯେତେବେଳେ 'ଆରମ୍ଭ କରନ୍ତୁ' ବୋଲି ଶୁଣାଗଲା ସେ ପଚାରିଲେ—'ଏତିକି ନା ଆଉ କ'ଣ ସବୁ ଅଛି ?'' କିଏ ଜଣେ କହିଲେ—''ଆମିଷ ଲାଗି-ନାହିଁ । ଦହି ଓ କ୍ଷୀରି ତ ହେବାର କଥା ହୋଇଛି ।'' ଶେଷକୁ କ'ଣ ଟିକିଏ ମିଠା ଥିବ । ହରି ବାବୁ ହସିଦେଇ କହିଲେ—''ମୁଁ ଏଇଥିପାଇଁ ପଚାରିଦେଲି ଯେ ପେଟ ରଖି ରଖି ଖାଉଥିବ ।'' ପିଲାମାନେ ହସିଉଠିଲେ ।

ଖାଇବା ଆରମ୍ଭ କରୁ କରୁ ସେ କହିଲେ—''ତୁମେ ପିଲାଏ ଯେମିତି ହସୁଛ ସେଥିରୁ ଜଣାପଡ଼ୁଛି ଆଜି ନାଚ କରିବ କି ?'' ସେମାନେ ଆହୁରି ଜୋରରେ ହସିଉଠିଲେ ।

ସେ ଦେଖିଲେଣି ଯେ ଗପ ଶୁଣିବାକୁ ପିଲାଙ୍କ ମନ ଲାଗିଯାଇଛି । ଆରମ୍ଭ କଲେ—''ଗୋଟାଏ କଥା । କେବଳ ଟିକିଏ ଛୁଆଁଇଦେଲି ଭଳିଆ କହି-ଦେଉଛି । ଯେତେ ନାଁ ଦେଲେ ମଧ୍ୟ ଦେଖାଗଲା ଯେ ମଣିଷ ତା ମନର କଥାଟାକୁ ପୂରାପୂରି କହିପାରୁନାହିଁ । ମୁଁ ତୁମମାନଙ୍କର ହସ ଶୁଣିଲି । କିନ୍ତୁ ଯେତେ ପିଲା ଠିଆହୋଇଛ ସମସ୍ତେ ତ ଗୋଟାଏ ଗୋଟାଏ ପ୍ରକାର ହସିଲ । କେଉଁ ହସ କେମିତି, ସେଇଆ ଯେତେବେଳେ ମଣିଷ କହିବାକୁ ଗଲା ସେତେବେଳେ ସେ ଆହୁରି ଅଡୁଆରେ ପଡ଼ିଲା ।'' ଲୁଲେଇ ଅଡୁକୁ ହାତ ବଢ଼ାଇ କହିଲେ—''ଏତେବେଳଯାଏ ସିଏ କେବଳ ମୁରୁକି ହସ ଦେଉଛି ।'' ତାଙ୍କ କଥା ଶୁଣୁ ଶୁଣୁ ବୁଲେଇ ଓ ରେଣୁ ହସିଉଠିଲେ । ହରିବାବୁ କହିଲେ—''ଏ ଦି'ଜଣ କେମିତି ହସୁଛନ୍ତି କହିଲ ?'' ଚଗଲା କହିଦେଲା—''ଖଳଖଳ ହସ !'' ତାହା ଆଉକୁ ବୁଲେଇ କଟମଟ କରି ଚାହିଁଲା ବେଳକୁ ଚାଇନା ହସିପକାଇଲାଣି । ଚାଇନା ଅଜ ହସ ଚାପି ପାରିଲା ନାହିଁ । ଏହାକୁ କ'ଣ କହିବ ବୋଲି ପଚାରିଲାରୁ ମିଠୁ କହିଲା—''ଖିଲ୍‌ଖିଲ୍ ।'' ଏଇ ନବରଙ୍ଗ ଦେଖି ନନ୍ଦ ବାବୁ ଅଉ ଖାଇବେ କ'ଣ ହସି ହସି ଗଡ଼ଗଲେଣି । ହରି ବାବୁ ଯେମିତି ତାଙ୍କ ଆଡ଼କୁ ହାତ ଠାରିଛନ୍ତି ବାପୁ ପାଟିକରି ଉଠିଲା—''ଏଇଟା ହେଉଛି ହେଁ-ହେଁ ହସ ।'' ବଣା ବଡ଼ମଣିଷଙ୍କ ଭଳି ଗମ୍ଭୀର ହୋଇଦିବାକୁ ଚେଷ୍ଟା କରୁଥାଏ । ଅଚ୍ଛୁଳବ ବୁ କହିଲେ—''ତାହାର ଏଇଟା ହେଉଛି ଓଠଚପା ହସ ।'' ବାପୁ କିଛି ନଜାଣିଲା ଭଳିଆ ଚାହୁଁଥାଏ ଦେଖି କିଏ ଗୋଟିଏ କହିଲା—ଏହା ହେଉଛି ''ନୁପ୍‌ମିଇଡ଼ାନିଆ'' ।

Digitized by srujanika@gmail.com

ସେ ପୁଣି ପିଲାମାନଙ୍କୁ ବୁଝାଇଲେ—"ହସଟି ହେଲା ଗୋଟିଏ ପ୍ରକାର କାମର ନାଁ । କିନ୍ତୁ ଯଦି ତାକୁ ଏତେ ପ୍ରକାରେ କୁହା ନଯାଉଥାଆନ୍ତା ତା'ହେଲେ କ'ଣ କଥାଟା ଯେମିତି ମିଠା ଲାଗୁଛି, ମଜାଳିଆ ହେଉଛି, ସେମିତି ହୁଅନ୍ତା ? ଏହି ଯେଉଁ ମୁରୁକି, ଖରଖର, ଖିଲ୍ ଖିଲ୍, ହେଁ-ହେଁ, ଓଠଚପା, ଚୂପ୍‌ସଇତାନିଆ ଏଗୁଡ଼ିକ ହସର ବିଶେଷଣ ବୋଲି କୁହାଯାଏ । କାରଣ ଏହାରି ଦ୍ୱାରା ହସଟି କେମିତିକା ତାହା ଭଲଭାବରେ ବୁଝାଇ ଦିଆଯାଉଛି । ଆମେ ଯେତେ ତରକାରି ଖାଉଛୁ ସବୁ ଭଲ ହୋଇଛି । ଲୁଣ ମସଲା ଠିକ୍ ଅଛି ।" ଅଚ୍ୟୁତ ବାବୁ କହିଲେ—"ମନ ଟିକିଏ ଲୁଣିଆ ହୋଇଯାଇଛି କି ?" ଉମାଚରଣ ବାବୁ ମାଉସୀ କହିଲେ—ନାହିଁ ତ । ଟିକିଏ ଊଣା ଲୁଣିଆ ହୋଇଛି । କଥାରେ ପରା କହନ୍ତି 'ଶାଗ ଅଲଣା ମାଛ ଲୁଣି, ତେବେ ଜାଣିବ ରାନ୍ଧୁଣୀ ଗୁଣ' ।

ପିଲାଏ ଶୁଣୁଛ ତ ? ତରକାରି ଶାଗ କେମିତି ହୋଇଛି ? ଅଲଣା ନାଁ ଲୁଣିଆ ? ଏ ଲୁଣିଆ ଦ୍ୱାରା ତାହା ବୁଝାଇ ଦିଆଯାଉଛି । ଗୋଟିକ ଆଉ ଗୋଟିକୁ ନାମ ନେଇ ବୁଝାଇଦେବାବେଳେ ବିଶେଷଣ ମଧ୍ୟ ଦରକାର ହୋଇ ପଡ଼େ । କେତେବେଳେ ତାହା ପାଇଁ ନୂଆ ଶବ୍ଦ ଖୋଜାଥାଏ ବା କେତେବେଳେ ସେହି ବିଶେଷ୍ୟକୁ ଟିକିଏ ବଦଳାଇ ବିଶେଷଣ କରି ଦିଆଯାଏ । ଦେଖୁନା, ଲୁଣ ଗୋଟିଏ ପଦାର୍ଥର ନାଁ । ତାକୁ ଟିକିଏ ବଦଳାଇ ଲୁଣିଆ କରିଦେଲାରୁ ସେଇଟି ବିଶେଷଣ ରୂପ ପାଇଗଲାଣି । ସେମିତି ହସ ଦେହରେ ଟିକିଏ ଯୋଡ଼ି ଦେଇ "ହସକୁରା" ଶବ୍ଦ କରିଦେଲାରୁ ଗୋଟାଏ ବିଶେଷଣ ଶବ୍ଦ ଆସିଗଲାଣି । ତୁମେ ସମସ୍ତେ ତ ମାଡ଼ ଖାଇଥିବ । ସେଇଟି ଗୋଟିଏ କାମର ନାଁ । ଯିଏ ଖୁବ ଦୁଷ୍ଟାମି କରେ ଓ ମାଡ଼ ନଖାଇଲେ ଜବତ ହୁଏନାହିଁ, ତାକୁ କୁହନ୍ତି ମାଡ଼ୁଆ ବା ମାଡ଼ଖିଆ । ଯେଉଁ ପିଲା ବରାବର କାନ୍ଦେ ସିଏ କାନ୍ଦୁରା । ତମ ଭିତରେ ଏଇଠି କଜିଆ ଲାଗିଯିବ ବୋଲି ମୁଁ ପଚାରୁ ନାହିଁ କିଏ କ'ଣ । କିନ୍ତୁ ଯେତେବେଳେ ଲଗାଲଗି ହେଉଥିବ ସେତେବେଳେ ଅଲାଜୁକ, ଖଚୁଆ, ଚୁଗୁଲିଆ ବୋଲି ଗାଳି ଦିଆହେଉଥିବ । ଏଗୁଡ଼ିକ ଭିତରୁ ପ୍ରତ୍ୟେକଟି ହେଉଛି ଗୋଟିଏ ଗୋଟିଏ ବିଶେଷଣ । ଯିଏ ଲାଜ କରେ ସିଏ ଲାଜୁଆ, ଯାହା'ର ବୁଦ୍ଧି ଅଛି ସିଏ ବୁଦ୍ଧିଆ, ଯେଉଁ ଛୁରୀରେ ଧାର ଅଛି ସେଇଟି ଧାରୁଆ, ଯିଏ କୌଣସି କାମକୁ ପାରେ ନାହିଁ ସିଏ ନିପାରିଲା, ଯିଏ ଗୁଡ଼ାଏ ପେଙ୍ଗଡ଼ାଙ୍ଗ କାମ କରେ ସିଏ ପେଙ୍ଗୁଆ—ଏଇଭଳି କେତେ ବିଶେଷଣ ପଦ ତୁମେମାନେ ଶୁଣୁଥିବ ।

Digitized by srujanika@gmail.com

ଏହି ଯେଉଁ ବୁଢାଙ୍କୁ ଦେଖୁଛ ତାଙ୍କ ଭଳି ହସିବା ଲୋକ
ଆଉ ଜନମ ହୋଇନାହାନ୍ତି । ତାଙ୍କୁ ଯିଏ ନ ଦେଖିଛି
ସେ କେବେ ହେଲେ କହି ପାରିବ ନାହିଁ
ସେହି ହସ ଭିତରେ ଲୋକଙ୍କ ମନ
ଜିଣିବା ପାଇଁ କି ମନ୍ତ୍ର ଲୁଚି-
ରହିଥିଲା ।

Digitized by srujanika@gmail.com

ବିଶେଷ୍ୟଗୁଡ଼ାକ ସାଦା ଲାଗନ୍ତା

ଖିଆ ଚାଲିଥାଏ, କଥା ଚାଲିଥାଏ । ଖଟାରେ ଭୃସଙ୍ଗପଣ ପଡ଼ିଥିବାରୁ ଖୁବ୍ ବଢ଼ିଆ ହୋଇଛି ବୋଲି ନନ୍ଦ ବାବୁ ଯେମିତି କହିଦେଇଛନ୍ତି, ହରି ବାବୁ ଟିକିଏ ସେଥିରୁ ପାଟିରେ ମାରିଦେଇ କହିଲେ—"ଏଇ ପଣ ଯଦି ନପଡ଼ିଥାନ୍ତା ଖଟାଟା ଏତେ ସୁଆଦ ହୋଇନଥାନ୍ତା ? ସେମିତି କେବଳ ବିଶେଷ୍ୟ ଯଦି ଥାଆନ୍ତା କଥାଗୁଡ଼ାକ କାନକୁ ଏତେ ସୁଆଦ ଲାଗନ୍ତା ନାହିଁ । ହସ ଆଗରୁ ମୁରୁକି ଲାଗିଗଲାବେଳକୁ ସେହି ଝିଅଟି ମୁହଁର ଯେଉଁ ବାହାଦୁରୀ କଥା ମନ ଭିତରେ ଖେଳିଯାଉଛି ତାହା କ'ଣ ସହଜରେ ହୁଅନ୍ତା ?" ଏହା କହୁ କହୁ ଦୂରରେ ତାଙ୍କ ଆଖି ମହାତ୍ମା ଗାନ୍ଧୀଙ୍କର ଗୋଟିଏ ଫଟୋ ଉପରେ ପଡ଼ିଗଲା । ସେ ଯେଉଁ ହସ ହସୁଛନ୍ତି ତାକୁ ଦେଖି ତାଙ୍କ ମନ ଭିତରକୁ ବହୁତ କଥା ସତେ ଯେମିତିକି ଧସେଇ ପଶିଆସିଲା । ସେ ରତ୍ନାକର ବାବୁଙ୍କ ଆଡ଼କୁ ଚାହିଁ କହିଲେ—"ବାପୁଜୀଙ୍କ ମୁହଁରେ ଏ ଯେଉଁ ହସ ତାକୁ ଗୋଟାଏ ବିଶେଷଣ ଦେଲ । ତୁମେମାନେ ଦିଅ, ପିଲା ପାରିବେ ନାହିଁ ।" ସେପାଖରୁ ରାମବାବୁ କହିଲେ, 'ମନକିଣା' କଥାଟି ଠିକ୍ ଲାଗିଯିବ । ମଧୁବାବୁ କହିଲେ, 'ମନଜିଣା' ହେଲେ କେମିତି ହୁଅନ୍ତା ? ରତ୍ନାକର ବାବୁ ଭାବି ଭାବି କହିଲେ 'କୋଟିମନଜୟୀ' ହସ ବୋଲି କୁହାଯାଉ । କାରଣ ଆମ ଦେଶରେ କୋଟି କୋଟି ଲୋକଙ୍କର ମନକୁ ସେ ଜୟ କରିପାରିଥିଲେ । ଶଶୀ ବାବୁ ତାଙ୍କ କଥାରେ ଏତିକି ଯୋଗ କରିଦେଲେ—"ମହାତ୍ମା ଗାନ୍ଧୀ ତ ସମଗ୍ର ବିଶ୍ୱର ମନକୁ ଅହିଂସା ବଳରେ ଜୟ କରିପାରିଥିଲେ । ତେଣୁ 'ବିଶ୍ୱବିଜୟୀ ହସ' କହିଲେ ବରଂ ଟିକିଏ ଅଧିକ ଠିକ ହେବ । ବାସ୍ତବିକ ସେହିଭଳି ଲୋକ ହିଁ ପ୍ରାତଃସ୍ମରଣୀୟ ।"

ସେମିତିବେଳକୁ ଖିଆପିଆ ଅଧା ହୋଇସାରିଲାଣି । କଥାଟାକୁ ଶେଷ କରିବା ଉଦ୍ଦେଶ୍ୟରେ ହରିବାବୁ କହିଲେ—"ଭାଷା ଭିତରେ ବିଶେଷ୍ୟର ଯେମିତି ଗୁରୁତ୍ୱ ରହିଛି ବିଶେଷଣର ସେ ତାହାଠାରୁ କମ୍ ବୋଲି ଭାବିବା ଠିକ୍ ନୁହେଁ । ଭାଷା ଭିତରେ ଯଦି ଏହି ପ୍ରାତଃସ୍ମରଣୀୟ ଭଳି ବିଶେଷଣ ପଦ ନଥାନ୍ତା ଗୋଟାଏ କଥାକୁ ଅଳ୍ପରେ ସୁନ୍ଦର ଭାବରେ ବୁଝାଇ ଦେଇ ହେଉନଥାନ୍ତା । ମଣିଷ ଜାତି ପାଇଁ ବା ନିଜର ଦେଶ ପାଇଁ ଜଣେ ଏଭଳି କାମ କରିଯାଇଛନ୍ତି ଯେ ତାଙ୍କୁ ତାଙ୍କ ମୃତ୍ୟୁ ପରେ ଆଜି ମଧ୍ୟ ସମସ୍ତେ ସ୍ମରଣ କରୁଛନ୍ତି । ସକାଳୁ ଉଠିଲେ ଲକ୍ଷ ଲକ୍ଷ ଲୋକଙ୍କ ମନକୁ ତାଙ୍କର କଥା ଆସିଯାଉଛି । ତେଣୁ ସେ ହିଁ ପ୍ରାତଃସ୍ମରଣୀୟ । ପିଲାମାନେ ଯେତେବେଳେ ବହି ପଢନ୍ତି ସେତେବେଳେ ଯଦି

Digitized by srujanika@gmail.com

ବିବେକ ବୁଦ୍ଧି ଖେଳାଇବେ, ଦେଖିବେ କିନ୍ତୁ ରୂପ ନ ବଦଳାଇ ବିଶେଷ୍ୟ ସବୁ କେମିତି ବିଶେଷଣ ହୋଇଯାଉଛନ୍ତି । ସୁନା ଗୋଟିଏ ଧାତୁର ନାମ, ତେଣୁ ବିଶେଷ୍ୟ । କିନ୍ତୁ ଯେତେବେଳେ ଆମେ କହୁଛୁ 'ସୁନା ପୁଅ' ସେତେବେଳକୁ ତାହା ବିଶେଷଣ ହୋଇଗଲାଣି । ଏମିତିକି ସୁନା ମୁଦି କହିଲି ବେଳକୁ ମଧ୍ୟ କେମିତିକା ମୁଦି ବୋଲି ଜାଣି ହୋଇଯାଉଛି । ଆମେ ଯେତେବେଳେ କହି-ଦେଉଛୁ ପିତଳ ବାସନ ସେତେବେଳେ ସେଇଟି ପିତଳ କି କଂସା କି ଆଲୁମିନିୟମ ବା ତମ୍ବା କେଉଁ ପ୍ରକାର ବାସନ ତାହା ବାରି ହୋଇଯାଉଛି । ତେଣୁ ଏହି କ୍ଷେତ୍ରରେ ପିତଳ ହେଉଛି ବିଶେଷଣ । ଆଉ ଦିନେ ଯଦି ଏମିତି ଭଲ ଖାଇବା ପିଇବା ହୁଅନ୍ତା ତେବେ ବିଶେଷଣ କଥା ବି ଭଲଭାବରେ ଫଳାନ୍ତେ ।

ପିଲାଏ କହିଉଠିଲେ, ଆମେ ଆଉ ଦିନେ ଏମିତି ଖିଆପିଆ କରିବୁ । ଆପଣ ଆସିବା ଜବାବ ଦେଲେ ହେଲା ।

ଯେତେବେଳେ ବିଦାୟ ନେବାବେଳ ଆସିଲା ପିଲା ବଡ଼ ସମସ୍ତେ ହରି ବାବୁଙ୍କୁ ଛୁଇଁବାକୁ ଗଲେ ନଈକୂଳକୁ । ସେଇଠି ଗାଡି ଥୁଆ ହୋଇଥିଲା । ଚଲି ଯିବାରୁ ପିଲାମାନଙ୍କ ପିଠିରେ ଜଣ ଜଣ କରି ହାତମାରି ସେ ଉପଦେଶ ଦେଲେ—"ମଣିଷ ଜାତି ଯେତେ ଆଗେଇଯାଉଛି ସେତେ ନୂଆ ନୂଆ ଯନ୍ତ୍ରପାତି ବାହାରୁଛି । ତାହାର ଚିନ୍ତାଭାବନା ନୂଆ ରୂପ ଧରିଲାରୁ ମନର କଥା କହିବା ପାଇଁ ସେ ନୂଆ ଶବ୍ଦ ଖୋଜୁଛି । ତୁମେମାନେ ଆଜି ଏଠାରେ ଯେଉଁମାନେ ଛୁଆ ହୋଇଛ ମୋର ପୂର୍ଣ୍ଣବିଶ୍ୱାସ ସେମାନଙ୍କ, ଭିତରୁ ଦିନେ କିଏ ଯାଇ ଚନ୍ଦ୍ର ଯେପରି 'ମହାକାଶ ଗାଡ଼ିରେ' ବୁଲୁଥିବ । ନେଳିଆ ଆକାଶ ପାର ହୋଇ କଳା ମହାକାଶରେ ପହଞ୍ଚିବ । ଆହୁରି ଉପରକୁ ଗଲେ ଏମିତି କେତେ କ'ଣ ଦେଖିବ ଯାହା କି ତୁମେ କଳ୍ପନା କରି ପାରୁ ନଥିବ । ପୁଣି ଯେତେବେଳେ ପୃଥିବୀକୁ ଫେରିଆସିବ ସମସ୍ତେ ଘେରିଯାଇ ପଚାରିବେ—କ'ଣ ସବୁ ଦେଖିଲ ? କେମିତି କ'ଣ ଲାଗୁଥିଲ ? ଯେତେବେଳେ ଦୃଶ୍ୟକୁ, ସେହି ସ୍ଥାନକୁ ନୂଆ ନାମ ଦେବା ଦରକାର ପଡ଼ୁଥିବ । ଆଉ କେତେଜଣ ହୁଏତ ବୁଲିଟିବ ସମୁଦ୍ର ଭିତରେ ତଳକୁ ତଳକୁ । ସମୁଦ୍ର ଭିତରେ ତ ଏମିତି ଗହିରିଆ ସ୍ଥାନ ରହିଛି ଯେ ସେଠି ଗୋଟାଏ ହିମାଳୟ ପର୍ବତ ଥୋଇଦେଲେ ବି ବୁଡ଼ିଯିବ । ସେହି ଗହିରର ଜୀବଜନ୍ତୁ ମାଟିପଥର କଥା ଯେତେବେଳେ ଆସି ବର୍ଣ୍ଣନା କରିବ ସେତେବେଳେ ନୂଆ ନାମ ଦେଇ ନିଶ୍ଚୟ ପୋଥିରେ ମଟିରେ ଅଙ୍କାଯାଉଥିବ ।

Digitized by srujanika@gmail.com

ତୁମେମାନେ ହିଁ ଏହି ପୃଥିବୀକୁ ନୂଆ ଢଙ୍ଗରେ ଟୋକାଇ ଗଢିବ । ସେତେବେଳେ ଦରକାର ପଡ଼ିବ ଲୋକଙ୍କୁ ସବୁକଥା ବୁଝାଇବା ପାଇଁ ନୂଆ ଢଙ୍ଗର କଥା । ଆମେ ବୁଢ଼ାପାକ ତ ଆଉ ସେତେବେଳେ ନଥିବୁ, ଆଜି ସେଥିପାଇଁ କହି-ଯାଉଛୁ ନାଁଦେବା ପାଇଁ ଖୁବ୍‌ମତ ମନର କସରତ୍ କର । ନୂଆ ଭାବରେ ନାନା ପଦାର୍ଥ ଓ ଜୀବଜନ୍ତୁଙ୍କୁ ଦେଖିବା ପାଇଁ ଆଖିକୁ ତାଲିମ କର ।”

ଗୋଟାଏ ବହି ହୋଇଯାଉ

ବିଦାୟ ନେବାର ଠିକ୍ ପୂର୍ବରୁ ଉମାଚରଣ ବାବୁ ଗୋଟିଏ ଭଲ ପ୍ରସ୍ତାବ ଦେଲେ । ତାଙ୍କର କହିବାର କଥା ଯେ ଆଜି ବୈଠକରେ ଯେତେ-ଯେତେ କଥା ପଡ଼ିଲା ସେଥିରୁ ପିଲା ବହୁତ କିଛି ଶିଖିଲେ । ଆମେ ଯିଏ ବଡ଼ ବଡ଼ ଥିଲୁ ସେମାନଙ୍କୁ ତ କେତେ କଥା ନୂଆ ଲାଗୁଥିଲା । ଏଠି ଶଶୀ ବାବୁ ଅଛନ୍ତି । ସେ ପଦ ସବୁ ଲେଖିପକାଇ ଆପଣଙ୍କୁ ଟିକିଏ ଦେଖାଇ ଦିଅନ୍ତେ ଗୋଟାଏ ବହି ହୋଇଯାଆନ୍ତା । ସୁନାମଣି ବାବୁ ତ ସାଙ୍ଗରେ ଅଛନ୍ତି । ସେ ତା'ର ଗୋଟାଏ ମଲାଟ ଛବି ଆଙ୍କିଦିଅନ୍ତେ । ସୁନାମଣି ବାବୁ ହସି ହସି କହିଲେ—“ଏ କଥା ସବୁ ଯେତେବେଳେ ପଢ଼ୁଥାଏ ମୁଁ ପର ପେନ୍‌ସିଲ ଧରି ଖଣ୍ଡେ କାଗଜରେ ଗାରେଇଲି ଭଳି ଆଙ୍କି ଯାଉଥିଲି ମଲାଟଟି କେମିତି ହେଲେ ଭଲ ହୁଅନ୍ତା । ତାହା ବି ଅଧା ଅଧା ଅଙ୍କିଦେଇଛି; କେବଳ ବାକି ରହି-ଯାଇଛି ବହିର ନାଁ କ'ଣ ରହିବ ।”

ରବି ବାବୁ ହସି ହସି କହିଲେ, “ସେଥିରେ ଆଉ ଭାବିବାର କଅଣ ଅଛି ? ବହିର ନାମ ରହିବ “ନାଁଦେବାଟା କେତେ କଷ୍ଟ ।”

ସମସ୍ତେ ଏକାବେଳକେ କହିଉଠିଲେ—ହଁ, ସେଇ ନାମଟି ରହୁ ।

(ଅଗଷ୍ଟ ୪ ତାରିଖ)

Digitized by srujanika@gmail.com

Digitized by srujanika@gmail.com